ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims
RNI Regd. No. :ODIMUL/2023/89182 Weekly Multilingual Rs - 5.00
ଭାଗ:୨, ସଂଖ୍ୟା: ୨୮, ଭୁବନେଶ୍ୱର, ମଇ ୨୬-ଜୁନ୍-୦୧, ୨୦୨୫, Vol: 2, Issue: 28, Bhubaneswar, May 26- June-1, 2025 Pages- 8

# ସଂରକ୍ଷଣ ରାଜନୀତି : ଉଠୁଛି ପଡୁଛି ଓଡ଼ିଶା

**(ଭିଓଭି ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ଉଚ୍ଚଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଏହି ଆରକ୍ଷଣ ନୀତି ଅନୁସାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗର (SEBC) ଛାତ୍ରଛାତ୍ରୀଙ୍କ ପାଇଁ ନାମ ଲେଖାରେ ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ । ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ପ୍ରଚଳନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ (+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ, କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡା ଓ ଯୁବସେବା ବିଭାଗର ବି.ପି.ଏଡ୍/ଏମ୍.ପି.ଏଡ୍



ପାଠ୍ୟକ୍ରମରେ ଲାଗୁ କରାଯିବ । ଏହା ସହିତ ଏହି ଅନୁଷ୍ଠାନ ମାନଙ୍କରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ଲାଗି ୨୨.୫%, ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କ ଲାଗି ୧୬.୨୫%, ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଛାତ୍ରୀ ମାନଙ୍କ ଲାଗି ୫% ଓ ପୂର୍ବତନ ସେନାନୀଙ୍କ ପରିବାର ସଦସ୍ୟଙ୍କ ଲାଗି ୧% ଆସନ ସଂରକ୍ଷଣ ସମାନ ରୂପେ ପ୍ରଚଳନ କରାଯିବ ବୋଲି ନିଷ୍ପତି ନିଆଯାଇଛି ।

ଜାତୀୟ ଶିକ୍ଷା ନୀତି (NEP) ୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରଖି ଏହି ପଦକ୍ଷେପ ଅବହେଳିତ ଓ ପଛୁଆ ସମ୍ପ୍ରଦାୟମାନଙ୍କ ପାଇଁ ଶିକ୍ଷାର ଉପଲବ୍ଧତା ବଢ଼ାଇବା, ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣକୁ ସମନ୍ୱିତ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଛି । ଏହା ମାଧ୍ୟମରେ ମୋଟ ନାମଲେଖା ଅନୁପାତ (GER) ବୃଦ୍ଧି ପାଇବ ଓ ସାମାଜିକ ଓ ଅର୍ଥନୈତିକ ଭାବେ ଦୁର୍ବଳବର୍ଗ ଶିକ୍ଷାରେ ଅଂଶଗ୍ରହଣକୁ ଅଧିକ ସୁଦୃଢ଼ କରାଯାଇ ପାରିବ ବୋଲି ସରକାର ପ୍ରକାଶ କରିଛନ୍ତି । କିନ୍ତୁ ଏହି ସଂରକ୍ଷଣକୁ



ନେଇ ଆରମ୍ଭ ହୋଇଯାଇଛି ବଡ ରାଜନୀତି । ବିଜେଡି ରାଜଭବନ ଘେରାଉ କରିଥିବା ବେଳେ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଛନ୍ତି ।

- **ପ୍ରଥମ ଥର ପାଇଁ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଏକ ଐତିହାସିକ ନିଷ୍ପତି - ବିଜେପି**
- **ଏହା ପଛୁଆବର୍ଗଙ୍କ ପାଇଁ ଏକ ଧୋକା ଓ ପ୍ରବଞ୍ଚନା - ବିଜେଡି**
- **ଯାହାର ସଂଖ୍ୟା ଯେତେ ତାକୁ ସେତିକି ଭାଗ ଦିଅ - କଂଗ୍ରେସ**

ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳଙ୍କ ମିଳିତ ଆକ୍ରମଣରେ ସରକାର ଏକରକମ ଘାଇଲା ହୋଇ ଯାଇଛନ୍ତି । ସେମାନଙ୍କ ଦାବି ହେଲା ୧୧.୨୫ ନୁହେଁ ବଂର ୨୭ପ୍ରତିଶତ ସଂରକ୍ଷଣ ଦିଅ । କଂଗ୍ରେସ ଦଳର ଦାବି ଯାହାର ସଂଖ୍ୟା ଯେତେ ତାର ଭାଗ ସେତେ ହେଉ । ପଛଆବର୍ଗଙ୍କୁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦେବା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ ଦଳ । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ୨୪ଘଣ୍ଟିଆ ଅହୋରାତ୍ର ଧାରଣା ଦେଉଛି ଦଳ । ଯଦି ଅନ୍ୟ ରାଜ୍ୟରେ ୨୭ପ୍ରତିଶତ ସଂରକ୍ଷଣ ମିଳିପାରୁଛି ଓଡିଶାରେ କାହିଁକି ସେତିକି ହେବନି । ସରକାରଙ୍କ ଆନ୍ତରିକତା ରହିଲେ ଖାଲି ସରକାରୀ ସ୍ତରରେ ନୁହେଁ ବେସରକାରୀ ନିଯୁକ୍ତିରେ ବି ୨୭ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇ ପାରିବ ବୋଲି କଂଗ୍ରେସ ସଭାପତି ଭକ୍ତ ଦାସ ପ୍ରକାଶ କରିଛନ୍ତି । ଏସ୍.ସି-ଏସ୍.ଟି ଛାତ୍ରଛାତ୍ରୀମାନଙ୍କୁ ମେଡିକାଲ ଓ ବୈଷୟିକ ଶିକ୍ଷାରେ ୪୦ପ୍ରତିଶତ ସଂରକ୍ଷଣ ଦେବା ଲାଗି ମଧ୍ୟ ଦଳ ଦାବି କରିଛି । ଆଗାମୀ ଦିନରେ କଂଗ୍ରେସ ଦଳ ଏହି ଆନ୍ଦୋଳନକୁ ଗାଁ ଗାଁରେ ପହଞ୍ଚାଇବ ବୋଲି ମଧ୍ୟ ଚେତାବନୀ ଦେଇଛି ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ପଛୁଆବର୍ଗଙ୍କ ପାଇଁ ସବୁବେଳେ ବିଜେଡି ଲଢେଇ କରି ଆସିଛି । ପଛୁଆବର୍ଗଙ୍କୁ ମେଡିକାଲ ଓ ଇଂଜିନିୟରିଂ ଶିକ୍ଷାରେ ୨୭ପ୍ରତିଶତ ସଂରକ୍ଷଣ ନମିଳିବା ପର୍ଯ୍ୟନ୍ତ ଲଢେଇ ଦିଲ୍ଲୀରୁ ପଲ୍ଲୀ ଯାଏ ଦଳ ଜାରି ରଖିବ ।

କଂଗ୍ରେସର ୨୪ ଘଣ୍ଟିଆ ଅହୋରାତ୍ର ଧାରଣା ଓ ବିରୋଧୀ ବିଜେଡିର ଆନ୍ଦୋଳନ ଓ ପ୍ରତିବାଦକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଜେପି ସଭାପତି ମନମୋହନ ସାମଲ ତାଚ୍ଛଲ୍ୟ କରିଥିବା ବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀ ଅନେକ ତଥ୍ୟ ସହ ଦୁଇ ବିରୋଧୀ ଦଳଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି । ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି ଯେ ଜାତିଭିତ୍ତିକ ସଂରକ୍ଷଣ ନିମନ୍ତେ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ୫୦% କ୍ୟାପିଂ ଲିମିଟ୍ ନିୟମକୁ ଆମେ ସମ୍ମାନ ଦେଇ ଏହି ନିଷ୍ପତି ନେଇଛୁ । ୨୦୦୮ରେ ବିଜେଡି ସରକାର ଏସ.ଇ.ବି.ସି (SEBC) ଅଧିନିୟମକୁ ଫେରାଇ ନେଇଥିବା ବେଳେ ୨୦୨୨ରେ ପଞ୍ଚାୟତ ଓ ମ୍ୟୁନିସପାଲିଟି ନିର୍ବାଚନ ବେଳେ ଓ.ବି.ସି (OBC) ବର୍ଗଙ୍କୁ ଆରକ୍ଷଣ ଦେବେ ବୋଲି କହିଥିଲେ କିନ୍ତୁ ଦେଇ ପାରିନଥିଲେ । କିନ୍ତୁ ମଧ୍ୟପ୍ରଦେଶ ସରକାର ନିର୍ବାଚନ ଅଧାରୁ OBC ମାନଙ୍କ ନିମନ୍ତେ ଆରକ୍ଷଣ ବ୍ୟବସ୍ଥା କରିଥିଲେ ।

୧୯୮୯ ମଣ୍ଡଳ କମିଶନ ରିପୋର୍ଟକୁ ବିଜୁବାବୁ ବିରୋଧ କରିଥିବା ବେଳେ ବିଜେଡ଼ି ସ୍ୱଭାବତଃ OBC ଓ SEBC ବିରୋଧୀ ବୋଲି ପ୍ରମାଣିତ ହୋଇ ସାରିଛି । ମଣ୍ଡଳ କମିଶନ ପୂର୍ବରୁ ୧୯୫୩ ମସିହାରେ କାକା କାଲେକର୍ ରିପୋର୍ଟକୁ ବି ନେହେରୁ ବିରୋଧ କରିଥିଲେ ବୋଲି କହି କଂଗ୍ରେସକୁ କଡା ଭାଷାରେ ସମାଲୋଚନା କରିଥିଲେ । ଅନ୍ୟପକ୍ଷରେ M.B.B.S ଓ B.TECH ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନିମନ୍ତେ କଂଗ୍ରେସ ଓ ବିଜେଡିର ଦାବିକୁ ଆମେ ଆଗାମୀ ଦିନରେ ବିଚାର କରିବୁ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ । ବୈଷୟିକ ଶିକ୍ଷା ଓ ଗୁରୁତ୍ୱପୂର୍ଣ୍ଣ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ କିଛି ବୁଦ୍ଧିଜୀବୀମାନେ ମଧ୍ୟ ସାମାଜିକ ଗଣମାଧ୍ୟମରେ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କଲେଣି । ରାଜନୈତିକ ଦଳମାନେ ନିଜ ନିଜର ନିର୍ବାଚନୀ ରଣନୀତିକୁ ଗୁରୁତ୍ୱ ଦେଇ ଶିକ୍ଷା କ୍ଷେତ୍ରରେ ଏମିତି ସଂରକ୍ଷଣ ରାଜନୀତି କରି ଦଣ୍ଡା-ବାଲୁଙ୍ଗା ସୃଷ୍ଟି ନକରିବା ପାଇଁ ଅନେକ ଶିକ୍ଷାବିତ ମାନେ ମତବ୍ୟକ୍ତ କରିଛନ୍ତି ।



# ମିଳିମିଶି ଡ଼କାୟତି

## ଜୀବଜଗତ

କାର୍ତ୍ତିକ ଚନ୍ଦ୍ର ପଣ୍ଡା



ଆମ ପରି ଜୀବଜନ୍ତୁ ମାନେ ମଧ ବନ୍ଧୁତ୍ୱର ପରିଭାଷା ବୁଝନ୍ତି। ସୁଖଦୁଃଖ, ବିପଦ ଆପଦରେ ସେମାନେ ଏକାଠି ହୁଅନ୍ତି । ସେମାନଙ୍କ ପାଖରେ ସ୍ନେହ ପ୍ରେମ ଓ ଭାବପ୍ରବଣତା ଓ ସର୍ବୋପରି ବନ୍ଧୁତ୍ୱଭାବ ଥାଏ କିନ୍ତୁ ଏହା କେବଳ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ପଶୁ କିମ୍ବା ପକ୍ଷୀ ସମାଜ ଭିତରେ ସିମୀତ ଥାଏ । ସୁରକ୍ଷାଗତ କାରଣରୁ ସେମାନେ ସବୁବେଳେ ଦଳବଦ୍ଧ ଭାବେ ରହିଥାନ୍ତି । ସେମାନଙ୍କ ମଧ୍ୟରେ, ଭାବ ବିନିମୟ, ଭାଇଚାରା ଓ ପରସ୍ପର ପ୍ରତି ବିଶ୍ୱସନୀୟତା ଗୁଣ ଆଦି ସେମାନଙ୍କ ଖାଦ୍ୟ ସଂଗ୍ରହ ଓ ବାସଗୃହ ଅନ୍ୱେଷଣ ସହିତ ଦଳଗତ ସୁରକ୍ଷା ପ୍ରଦାନ କରେ ।



କିନ୍ତୁ କୌଣସି ଏକ ପଶୁ ଓ ପକ୍ଷୀ ମଧ୍ୟରେ ମିତ୍ରତାର ବନ୍ଧନ ସବୁଠାରୁ ବିରଳ। ଏହାର ଏକ ରୋଚକ ଉପସ୍ଥାପନା, ବନ୍ଧୁମାନଙ୍କ ପାଇଁ। ଆଜି ଭାଲୁ ଓ ତାର ପ୍ରିୟ ସାଙ୍ଗ ମହୁଖିଆ ଚଢେଇର ବନ୍ଧୁତା ବିଷୟରେ କହିବି । ସେମାନେ ମିଳିମିଶି ଡ଼କାୟତି ଯୋଜନା କରନ୍ତି ଓ ଶତ ପ୍ରତିଶତ ସଫଳ ହୁଅନ୍ତି । ଏମାନେ ସଚରାଚର ଦୃଷ୍ଟି ଗୋଚର ହୁଅନ୍ତି । ଆମ ଦେଶରେ ଘଞ୍ଚ ବଣଜଙ୍ଗଲରେ ମଧ ଏମାନେ ଦେଖାଯାନ୍ତି ବିଶେଷ କରି ମୟୂରଭଞ୍ଜ ଜିଲ୍ଲାରେ ଏମାନଙ୍କ ସଙ୍ଖ୍ୟା ସର୍ବାଧିକ ।

ସ୍ଥାନୀୟ ଲୋକମାନେ ଚଢେଇକୁ ମହୁଆ ଅଥବା ମହୁରଙ୍କା ଡାକନ୍ତି । ଭାଲୁଟି ଗାଡଭାଲୁ ପ୍ରଜାତିର । ଭାରି ଅଳସୁଆ । ପାହାଡ ଗୁମ୍ଫା ଓ ଗଛ କୋରଡ଼ରେ ସେ ଦିନର ଅଧିକାଂଶ ସମୟ ଶୋଇ ରହେ । ଏମାନଙ୍କ ବନ୍ଧୁତ୍ୱର ବିଶେଷତ୍ୱ ହେଲା, ଏମାନେ ମହୁ ପ୍ରିୟ ଓ ସେଥିପାଇଁ ଦୁଇଜଣ ଯାକ ମିଶି ମହୁ ପାଇଁ ଡକାୟତି ଯୋଜନା କରନ୍ତି ଓ ଶେଷରେ ଏହାର ଚୁଡାନ୍ତ ରୂପ ଦିଅନ୍ତି। ଚଢେଇଟି ଭାଲୁର କମିଶନ ଏଜେଣ୍ଟ ରୂପେ କାମ କରେ । ତାର ମୁଖ୍ୟ କାର୍ଯ୍ୟ ହେଲା ସମଗ୍ର ଜଙ୍ଗଲ ପରିକ୍ରମା କରି ମହୁଫେଣା ଠାବ କରିବା ଓ ଭାଲୁକୁ ଏହାର ସୂଚନା ଦେବା ।

ଚଢେଇଟି ମନଲାଖି ମହୁଫେଣାଟିଏ ଠାବ କଲାପରେ ସେ ତୁରନ୍ତ ତାର ଭାଲୁ ବନ୍ଧୁ ପାଖରେ ପହଞ୍ଚିଯାଏ । ସେତେବେଳେ ଭାଲୁ ଗଛ କୋରଡ କିମ୍ବା ପାହାଡ ଖୋଲରେ ଆରାମରେ ଶୋଇ ଘୁଙ୍ଗୁଡ଼ି ମାରୁଥାଏ । ଚଢେଇଟି ତାର ସାଙ୍କେତିକ ଶବ୍ଦରେ ଭାଲୁକୁ ନିଦରୁ ଉଠାଇ ସମ୍ଭାବ୍ୟ ମହୁଫେଣାର ସୂଚନା ଦିଏ । ଭାଲୁର ଯଦି ସମ୍ମତି ଥାଏ, ତାହେଲେ ଦୁଇ ବନ୍ଧୁ ମିଳିମିଶି ଡକାୟତି କରିବାକୁ ବାହାରି ପଡନ୍ତି ।

ନିର୍ଦ୍ଦିଷ୍ଟ ସ୍ଥାନକୁ ଚଢେଇଟି ଭାଲୁକୁ ବାଟ କଢାଇ ନିଏ କିନ୍ତୁ ସମସ୍ୟା ହୁଏ ଶିକାର ସ୍ଥଳୀକୁ ଯାତ୍ରା କଲାବେଳେ । ଭାଲୁ ବପୁମନ୍ତ ଓ ସେ ଜଙ୍ଗଲରେ କିଛି ସମୟ ଦୌଡ଼ିଲା ପରେ ହାଲିଆ ହୋଇ ବସିପଡେ ଓ କିଛି ସମୟ ବିଶ୍ରାମ ନିଏ । ଉପରେ କିଚିରି ମିଚିରି ଶବ୍ଦ କରି, ସାଥୀକୁ ବାଟ କଢାଉଥିବା ଚଢେଇଟି ମଧ ସେଠାରେ ଅଟକି ଯାଏ ଓ ଭାଲୁର ଥକା ମେଣ୍ଟିବା ପର୍ଯ୍ୟନ୍ତ ଅପେକ୍ଷା କରେ। ପୁନର୍ବାର ସେମାନେ ଗନ୍ତବ୍ୟ ସ୍ଥଳକୁ ଏକାଠି ଯାତ୍ରା ଆରମ୍ଭ କରନ୍ତି । ସର୍ଟକଟ ରାସ୍ତା ଥିଲେବି ଭାଲୁ ସହଜରେ ଯାଇପାରୁଥିବା ରାସ୍ତାଟିକୁ ଚଢେଇ ସବୁବେଳେ ବାଛିଥାଏ । ଏପରିକି ସମ୍ଭାବ୍ୟ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ବେଳେବେଳେ ସେମାନଙ୍କୁ ଦଶ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିବାକୁ ପଡ଼ିଥାଏ ।

ମହୁଫେଣାକୁ ଭାଲୁକୁ ଦେଖାଇ ଦେଲାପରେ ଚଢେଇଟି ର କାମ ଶେଷ ହୁଏ ଓ ସେ ନିରାପଦ ଦୂରତାରେ ବସେ । କାରଣ ମହୁମାଛିର ଦଂଶନ ତାପାଇଁ ପ୍ରାଣଘାତୀ ହୋଇପାରେ କିନ୍ତୁ ଭାଲୁ ପାଇଁ କିଛି ସମସ୍ୟା ନଥାଏ । ତାର ଗହଳ ଲୋମ, ସୁରକ୍ଷା କବଚ ରୂପେ କାମକରେ । ଗଛରେ ଚଢ଼ି ମହୁଫେଣା ଭାଙ୍ଗିଲା ପରେ, କୃତଜ୍ଞତା ସ୍ୱରୁପ ଭାଲୁ, ପ୍ରଥମେ ସାଥୀକୁ ତାର ପ୍ରାପ୍ୟ ପଦାନ କରିଥାଏ। ସେମାନେ ମିଳିମିଶି ଆକଣ୍ଠ ମଧୁ ପାନ କରନ୍ତି । ଛୋଟ ଚଢେଇଟିର ଅଳ୍ପ ପରିମାଣର ମହୁ ଦରକାର ହେଉଥିବା ବେଳେ, ଭାଲୁ ମହୁଫେଣା ସମେତ ସମସ୍ତ ମହୁ ଉଦରସ୍ଥ କରେ ।

ସାମାନ୍ୟ ବିଶ୍ରାମ ପରେ ଭାଲୁ ନିଜ ବାସସ୍ଥାନକୁ ଫେରିଯାଏ । ଚଢେଇର କାମ କିନ୍ତୁ ସରେନାହିଁ । ସେ ପୁଣିଥରେ ଜଙ୍ଗଲକୁ ପରିକ୍ରମା କରିବାକୁ ବାହାରି ପଡେ ଆଉ ଏକ ମହୁଫେଣା ସନ୍ଧାନରେ ।

ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

# ଦାମୀ ଆମ୍ବ

ଆମ୍ବକୁ ଫଳ ମାନଙ୍କର ରାଜା ବୋଲି କୁହାଯାଏ। ଦୁନିଆରେ ବିଭିନ୍ନ ପ୍ରକାର ଆମ୍ବ ମିଳିଥାଏ। ଭିନ୍ନ ଭିନ୍ନ ଦେଶରେ କିଛି ସ୍ୱତନ୍ତ୍ର ଆମ୍ବ ମିଳିଥାଏ। ଦଶହରୀ, ଚୌସା ଓ ଲେଙ୍ଗଡା ଆମ୍ବର ନାଁ ତ ଶୁଣିଥିବେ। ତେବେ ଏମିତି ଏକ ଆମ୍ବ ବିଷୟରେ ଜାଣିଛନ୍ତି କି, ଯାହାର ଦାମ୍ ଜାଣିଲେ ହୋସ୍ଉଡାଇବ। ଏହି ଖାସ୍ ଆମ୍ବ ଜାପାନରେ ମିଳିଥାଏ। ଭାରତରେ ମଧ ଏହି ଆମ୍ବ ମିଳିଥାଏ। ଜାପାନରେ ମିଳୁଥିବା



ଦୁନିଆର ସବୁଠାରୁ ମହଙ୍ଗା ଆମ୍ବର ନାମ ତଇୟୋ ନୋ ତମାଙ୍ଗୋ। ଏହା ଜାପାନର ମିୟାଜାକିରେ ଓ ବିହାରର ପୁଣିଆ ଓ ମଧ୍ୟପ୍ରଦେଶର ଜବଲପୁରରେ ମଧ ମିଳିଥାଏ। ଏହି ଆମ୍ବକୁ ମିଆଜାକି ଆମ୍ବ ମଧ କୁହାଯାଏ। ସାଧାରଣତଃ ଏହି ଆମ୍ବର ଆନ୍ତର୍ଜାତୀୟ ବଜାରରେ ଦାମ୍ ୨.୭ ଲକ୍ଷ ଟଙ୍କା ପ୍ରତି କିଲୋଗ୍ରାମ୍‌କୁ ।

ଭାରତରେ ତାଇୟୋ ନୋ ତମାଙ୍ଗୋ ପ୍ରଜାତିର ଗୋଟିଏ ଆମ୍ବର ମୂଲ୍ୟ ୨୧ ହଜାର ଟଙ୍କା । ପୂର୍ଣ୍ଣିଆରେ ଏହି ପ୍ରଜାତିର ଏକ ଗଛ ରହିଛି ପ୍ରାୟ ୨୫ ବର୍ଷ ହେବ ରହିଛି । ଏହି ଆମ୍ବ କେବଳ ଖାଇବାକୁ ମିଠା ନୁହେଁ ବରଂ ଏଥିରେ ନଡିଆ ଓ ସପୁରୀର ହାଲୁକା ସ୍ୱାଦ ମଧ ମିଳିଥାଏ ।

- ଶୁକ୍ରବାର ଦିନ କୁଆଁରୀ କନ୍ୟାଙ୍କୁ କ୍ଷୀର ଓ ମିଠା ପ୍ରଦାନ କରନ୍ତୁ । ସଧବା ସ୍ତ୍ରୀ ଲୋକଙ୍କୁ ସାଜସଜ୍ଜା ଓ ସୁହାଗ ଜିନିଷ ଉପହାର ଦିଅନ୍ତୁ । ଏପରି ୧୬ଟି ଶୁକ୍ରବାର କରିବା ଦ୍ୱାରା ବିବାହରେ ଥିବା ବାଧା ଦୂର ହୋଇଥାଏ ।
- ସୋମବାର ଭଗବାନ ଶିବ ଓ ମା'ପାର୍ବତୀଙ୍କୁ କ୍ଷୀର ଅର୍ପଣ କରି ପୂଜାର୍ଚ୍ଚନା କରନ୍ତୁ ।
- ଗୁରୁବାର ଦିନ ଅଟାରେ ପ୍ରସ୍ତୁତ ଜିନିଷ, ଗୁଡ, ଚଣା ଗାଈଙ୍କୁ ଖାଇବାକୁ ଦିଅନ୍ତୁ । ଶୀଘ୍ର ବିବାହ ହୋଇଥାଏ ।
- ନିୟମିତ ଶିବ-ପାର୍ବତୀଙ୍କୁ ପୂଜାର୍ଚ୍ଚନା କରନ୍ତୁ ।
- ଅବିବାହିତ ଯୁବକ-ଯୁବତୀ ଖଟ ତଳେ ଲୁହା, ଖରାପ ବୈଦ୍ୟୁତିକ ଜିନିଷ, ବ୍ୟବହାର ହେଉନଥିବା ଅଦରକାରୀ ଜିନିଷ ରଖନ୍ତୁ ନାହିଁ ।
- ଗୁରୁବାର ଓ ପୂର୍ଣ୍ଣିମା ତିଥିରେ ବରଗଛ ମୂଳେ ୧୦୮ ଥର ପରିକ୍ରମା କରିବା ଦ୍ୱାରା ଶୀଘ୍ର ବିବାହ ହୋଇଥାଏ । ଗୁରୁବାର ବରଗଛକୁ ପୂଜା କରିବା ସହ ଅଶ୍ୱତ୍ଥ ବୃକ୍ଷ ମୂଳରେ ଜଳ ଅର୍ପଣ କରନ୍ତୁ । ବିବାହରେ ଥିବା ସମସ୍ତ ସମସ୍ୟା ଦୂର ହେବ । ଗୁରୁବାର ଜଳରେ ହଳଦୀ ମିଶାଇ ସ୍ନାନ କରନ୍ତୁ । ଶୀଘ୍ର ହେବ ବିବାହ ।

# ଆଖୁ ରସର ଉପକାର



ଆଖୁ ରସ, ଓଡ଼ିଶା ସମେତ ଭାରତର ଏକ ଲୋକପ୍ରିୟ ଏବଂ ପୁଷ୍ଟିକର ପାନୀୟ, ଗ୍ରୀଷ୍ମ ଋତୁରେ ଶରୀରକୁ ଶୀତଳତା ଓ ଶକ୍ତି ଯୋଗାଇଥାଏ। ଏହା ଆଖୁରୁ ନିଷ୍କାସିତ ଏକ ପ୍ରାକୃତିକ ରସ, ଯେଉଁଥିରେ ଗ୍ଲୁକୋଜ, ଫ୍ରୁକ୍ଟୋଜ, ସୁକ୍ରୋଜ, ଭିଟାମିନ , (କ୍ୟାଲସିୟମ, ଆଇରନ, ପୋଟାସିୟମ) ଏବଂ ଅନ୍ତଃସ୍ରାବୀ ଭଳି ପୋଷକ ତତ୍ତ୍ୱ ରହିଛି। ଏହା ଶରୀରରେ ଜଳୀୟ ଅଂଶ ବଜାୟ ରଖିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ। କିନ୍ତୁ, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ କିଛି ଏମିତି ରୋଗ ବା ସ୍ୱାସ୍ଥ୍ୟ ସମସ୍ୟ ରହିଛି ଯେଉଁଥିରେ ଆଖୁ ରସ ଖାଇବା କ୍ଷତିକାରକ ହୋଇପାରେ।ଆଖୁ ରସରେ ପ୍ରାକୃତିକ ଶର୍କରା ଥାଏ, ଯାହା ତୁରନ୍ତ ଶକ୍ତି ଯୋଗାଇଥାଏ। ଏହା ଶରୀରରେ ଜଳୀୟଅଂଶ ବଜାୟ ରଖିବା ସହ ହଜମ ଶକ୍ତି ବୃଦ୍ଧି କରେ, ଯକୃତର କାର୍ଯ୍ୟକୁ ସହାୟତା କରେ ଏବଂ ରକ୍ତହୀନତା (ଇଭରଙ୍କସବ) ପରି ସମସ୍ୟାରେ ଉପକାରୀ। ଏହାର ଅନ୍ତଃସ୍ରାବୀ ଗୁଣ ଶରୀରରେ ଅକ୍ସିଡେଟିଭ ଷ୍ଟ୍ରେସ ହ୍ରାସ କରିଥାଏ। କିନ୍ତୁ, ଏହାର ଉଚ୍ଚ ଶର୍କରା ଉପାଦାନ ଓ କ୍ୟାଲୋରୀ କିଛି ରୋଗୀଙ୍କ ପାଇଁ ସସ୍ୟା ସୃଷ୍ଟି କରିପାରେ କେଉଁ ରୋଗରେ ଆଖୁ ରସ ଖାଇବା ଉଚିତ୍ ନୁହେଁ ?

***ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିମ୍ନଲିଖିତ ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଆଖୁ ରସ ଖାଇବାକୁ ନିଷେଧ କରିଛନ୍ତି:***

ଡାଇବେଟିସ

ଆଖୁ ରସରେ ଉଚ୍ଚ ମାତ୍ରାରେ ପ୍ରାକୃତିକ ଶର୍କରା (ସୁକ୍ରୋଜ, ଗ୍ଲୁକୋଜ, ଫ୍ରୁକ୍ଟୋଜ) ରହିଛି, ଯାହା ରକ୍ତରେ ଶର୍କରାର ସ୍ତରକୁ ତୁରନ୍ତ ବୃଦ୍ଧି କରିପାରେ। ଏହା ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇପାରେ। ଯେଉଁମାନେ ରକ୍ତ ଶର୍କରା ନିୟନ୍ତ୍ରଣ କରିବାକୁ ଔଷଧ କିମ୍ବା ଇନସୁଲିନ ଉପରେ ନିର୍ଭର କରନ୍ତି, ସେମାନେ ଆଖୁ ରସ ଖାଇବା ଉଚିତ ନୁହେଁ।

ମେଦବହୁଳତା ଓ ଓଜନ ନିୟନ୍ତ୍ରଣ

ଆଖୁ ରସରେ ଉଚ୍ଚ କ୍ୟାଲୋରୀ ରହିଛି (ପ୍ରାୟ ୧୦୦-୧୫୦ କ୍ୟାଲୋରୀ ପ୍ରତି ୨୫୦ ମିଲି ଗ୍ଲାସ)। ଯେଉଁମାନେ ଓଜନ କମାଇବା ପାଇଁ କମ କ୍ୟାଲୋରୀ ଡାଏଟ ଅନୁସରଣ କରୁଛନ୍ତି, ସେମାନଙ୍କ ପାଇଁ ଆଖୁ ରସ ଅନୁପଯୁକ୍ତ। ଅତ୍ୟଧିକ ସେବନ ଓଜନ ବୃଦ୍ଧି ଓ ମେଟାବୋଲିକ ସିଣ୍ଡ୍ରୋମର ଆଶଙ୍କା ବଢ଼ାଇପାରେ।

ପାଚନ ସମସ୍ୟା

ଆଖୁ ରସରେ ଉଚ୍ଚ ଶର୍କରା ଥାଏ, ଯାହା ଇରିଟେବଲ ବାଓ୍ୱେଲ ସିଣ୍ଡ୍ରୋମ, ଗ୍ୟାଷ୍ଟ୍ରୋଏସୋଫେଜିଆଲ ରିଫ୍ଲକ୍ସ ଡିଜିଜ କିମ୍ବା ଫ୍ରୁକ୍ଟୋଜ ଥିବା ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଏହା ଗ୍ୟାସ, ଅମ୍ଳତା କିମ୍ବା ଝାଡ଼ା ଭଳି ଲକ୍ଷଣକୁ ବୃଦ୍ଧି କରିପାରେ।

ଦାନ୍ତର ସମସ୍ୟା

ଆଖୁ ରସରେ ଥିବା ଶର୍କରା ଦାନ୍ତରେ ବ୍ୟାକ୍ଟେରିଆ ସହ ପ୍ରତିକ୍ରିୟା କରି ଦାନ୍ତ କ୍ଷୟ କିମ୍ବା ଗହ୍ୱର ସୃଷ୍ଟି କରିପାରେ, ବିଶେଷତଃ ଯେଉଁମାନେ ଦାନ୍ତର ସମସ୍ୟାରେ ପୀଡ଼ିତ ଅଛନ୍ତି।

ଲୋ ବ୍ଲଡ ପ୍ରେସର

ଆଖୁ ରସରେ ପୋଟାସିୟମ ରହିଛି, ଯାହା ରକ୍ତଚାପକୁ କମାଇପାରେ। ଯେଉଁମାନେ ଲୋ ବ୍ଲଡ ପ୍ରେସରରେ ପୀଡ଼ିତ, ସେମାନଙ୍କ ପାଇଁ ଅତ୍ୟଧିକ ଆଖୁ ରସ ମୁଣ୍ଡ ବୁଲାଇବା, କ୍ଲାନ୍ତି କିମ୍ବା ଚେତା ହରାଇବା ଭଳି ଲକ୍ଷଣ ସୃଷ୍ଟି କରିପାରେ।

କିଡନୀ ରୋଗ

ଆଖୁ ରସରେ ପୋଟାସିୟମ ଓ ଫସଫରସର ମାତ୍ରା ଅଧିକ, ଯାହା ଦୀର୍ଘସ୍ଥାୟୀ କିଡନୀ ରୋଗ ଥିବା ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଅତ୍ୟଧିକ ପୋଟାସିୟମ ହାଇପରକାଲେମିଆ ଭଳି ଗମ୍ଭୀର ଅବସ୍ଥା ସୃଷ୍ଟି କରିପାରେ। କିଡନୀ ରୋଗୀମାନେ ଆଖୁ ରସ ଖାଇବା ପୂର୍ବରୁ ନେଫ୍ରୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ୍।

# କଟକ-ଭୁବନେଶ୍ୱର ଟ୍ୱିନ୍-ସିଟି ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଭୁବନେଶ୍ୱର-କଟକ ଟ୍ୱିନ୍ ସିଟିରେ କାର୍ଯ୍ୟ ବିଭାଗର ବିଭିନ୍ନ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ପାଇଁ ସମନ୍ୱିତ ବିକାଶ ଯୋଜନା ଏବଂ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗା ମୌଜା ପର୍ଯ୍ୟନ୍ତ ଦୟା ପଶ୍ଚିମ କେନାଲ ପାର୍ଶ୍ୱରେ ଏକ ରାସ୍ତା ନିର୍ମାଣ, ସୁନ୍ଦରପଦା-ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ସଂଗ୍ରହାଳୟ ଏବଂ ଶିଶୁ ଭବନ ଛକରେ ତିନୋଟି ଫ୍ଲାଏଓଭର ନିର୍ମାଣ ସହିତ ଏଜି ଛକରେ ଏକ ଅଣ୍ଡରପାସ୍ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥେମେଟିକ୍ସରୁ ପଥରଗାଡ଼ିଆ, ଉତ୍କଳ ହସ୍ପିଟାଲ ଏବଂ ରେଳ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ବାମ ସମାନ୍ତରାଳ ରାସ୍ତାରେ କାର୍ଯ୍ୟ ଚାଲିଛି। ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗାରୁ ବାରିମୁଣ୍ଡା ଏବଂ କେଲୁଚରଣ ପାର୍କରୁ ବାରିମୁଣ୍ଡା ପର୍ଯ୍ୟନ୍ତ ତିନୋଟି ଡାହାଣ ପ୍ରବେଶ ରାସ୍ତା ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହା ବ୍ୟତୀତ, ଏକ ଭିତର ରିଙ୍ଗ ରୋଡ୍ ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ଯେ ଏହି ପ୍ରକଳ୍ପଗୁଡ଼ିକ ଭୁବନେଶ୍ୱରରେ ବଢୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରିବ ଏବଂ ସହରର ସୌନ୍ଦର୍ଯ୍ୟକରଣରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଏହି ନିର୍ମାଣ ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ପ୍ରାୟ ୩୬୬ ପରିବାରଙ୍କୁ ପୁନର୍ବାସ କରାଯିବ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ, ଆଇନ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ, ଗୃହ ଏବଂ ନଗର ଉନ୍ନୟନ ପ୍ରମୁଖ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ସଚିବ ସାସ୍ୱତ ମିଶ୍ର, ପୋଲିସ କମିଶନର ଏସ. ଦେବଦତ୍ତ ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଶ୍ରୀମନ୍ଦିର ସୁରକ୍ଷା ପାଇଁ ଆଣ୍ଟିଡ୍ରୋନ୍ ଟେକ୍ନୋଲଜି ଲାଗିବ: ଆଇନ ମନ୍ତ୍ରୀ



ଭୁବନେଶ୍ୱର (ଭିଓଭି): ଶ୍ରୀମନ୍ଦିରର ସୁରକ୍ଷା ଲାଗି ଲାଗିବ ଆଣ୍ଟିଡ୍ରୋନ ଟେକନୋଲୋଜି। ଏ ନେଇ ପୁଲିସ ବିଭାଗ ସହ ଆଲୋଚନା କରିଛି ଆଇନ ବିଭାଗ। ଆଣ୍ଟିଡ୍ରୋନ ଟେକନୋଲୋଜି ଲାଗିଲେ ଡ୍ରୋନ ଉଡ଼ିବା ପରେ ଏହାକୁ ଖସାଇ ଦିଆ ଯାଇ ପାରିବ। ଏଥିଲାଗି ଆବଶ୍ୟକ ପଡ଼ିଲେ ଶ୍ରୀମନ୍ଦିର ପ୍ରଶାସନ ଅର୍ଥ ଦେବ। ଏ ନେଇ ବିଚାର ଚାଲିଛି ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏଣେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ରାଜ୍ୟର ବିଭିନ୍ନ ଜାଗାରେ ହେଉଥିବା ରଥଯାତ୍ରା ପାଇଁ ସହାୟତା ଯୋଗାଇ ଦେବେ ସରକାର । ରାଜ୍ୟର ବିଭିନ୍ନ ଜାଗାରେ ରଥଯାତ୍ରା ହେଉଥିବା ବେଳେ ରଥ ନିର୍ମାଣ ଓ ରଥଯାତ୍ରା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବେ ଆଇନ ବିଭାଗ। ଦେବୋତ୍ତର ଆୟୋଗ ଅଧୀନରେ ଥିବା ଜଗନ୍ନାଥ ମନ୍ଦିରକୁ ରଥଯାତ୍ରା ପାଇଁ ଆର୍ଥିକ ସହାୟତା ମିଳିବ । ଏନେଇ ଅନେକ ଆବେଦନ ଆସିଛି ଏବଂ ଯେଉଁମାନେ ଆବେଦନ କରିନାହାନ୍ତି ତାଙ୍କ କଥା ବିଚାର କରାଯିବ।

# ବଲାଙ୍ଗିର ଜିଲ୍ଲାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ




ବଲାଙ୍ଗିର, (ଭିଓଭି) : ବଲାଙ୍ଗିର ଜିଲ୍ଲାରେ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ । ସଦର ମହାକୁମା ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ବୈଠକରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା, ଟିଟିଲାଗଡ଼ ଉପଜିଲ୍ଲାପାଳ ରହାନ ଖେତ୍ରି, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟତଃ ଦାଦନ ସମସ୍ୟା ଓ ଏହାର ପ୍ରତିକାର ତଥା ହର ଘର ଜଳ, ଗ୍ରାମୀଣ ଘର , ସ୍ୱଚ୍ଛ ଭାରତ ମିଶନ, ମନରେଗା ସମ୍ପର୍କରେ ଆଲୋଚନା କରିଥିଲେ । ମନରେଗାରେ ଶ୍ରମିକ ମାନଙ୍କୁ ଧାର୍ଯ୍ୟ ଦିନ କାମ ମିଳୁଛି ନା ନାହିଁ ପଚାରି ଥିଲେ । ସେହିପରି ଦାଦନ ସମସ୍ୟାକୁ କମ କରିବାକୁ ଅଧିକାରୀ କଣ ନୂତନ ପଦକ୍ଷେପ ନେଇଛନ୍ତି ପଚାରିଥିଲେ। ଚାଷୀଙ୍କ ଆୟ ପ୍ରତି ଅଧିକାରୀ ଯତ୍ନବାନ ହେଲେ ଚାଷୀ ଦାଦନ କମିବ । ଜିଲ୍ଲାପ୍ରଶାସନ ବିଭିନ୍ନ ସମସ୍ୟା ଗୁଡିକ କ୍ଲଷ୍ଟର ତିଆରି କରିଲେ ଅଧିକ ରୁ ଅଧିକ ସମାଧାନ ମିଳିବ ବୋଲି କହିଥିଲେ । ଆଗାମୀ ଦିନରେ ଗ୍ରାମ ପଞ୍ଚାୟତ କୁ ଯାଇ ସମୀକ୍ଷା କରିବା ସହ ଘରକୁ ଘର ଯାଇ ମନରେଗା ବାବଦରେ କର୍ମ ନିଯୁକ୍ତି ମିଳୁଛି କି ନାହିଁ , କେହି କାମ ନ କରି ମିଛ ବିଲ ପାଇଥିଲେ ସାମିଲ ଥିବା ସମସ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି । ସେହିପରି ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା ବିଭିନ୍ନ ଯୋଜନା ସାହାଯ୍ୟରେ କାମ ଯୋଗେଇ ଦିଆ ଯାଉଛି ଏବଂ ଏହି ସଂଖ୍ୟା ବଢେଇବାକୁ ସମସ୍ତ ଅଧିକାରୀଙ୍କୁ କହିଥିଲେ। ସରକାର ଲୋକଙ୍କ ପାଇଁ କାମ କରୁଛି ଏବଂ ଏଥିପାଇଁ ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଲୋକଙ୍କ ଦରକାର ମୁତାବକ ପ୍ରକଳ୍ପ ହେଲେ ହିଁ ସମସ୍ୟା ର ସମାଧାନ ହେଇପାରିବ ବୋଲି ସେ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସ୍.ସି-ଏସ୍.ଟି'ଙ୍କ ଜମି ସରକାର କିଣି କର୍ପସ୍ ଫଣ୍ଡ ଗଠନ କରିବେ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି): ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ଏକ ନୂଆ ପଦକ୍ଷେପ ନେଇଛନ୍ତି। ସରକାରଙ୍କ ନୂଆ ଯୋଜନା ଅନୁସାରେ ଆଦିବାସୀଙ୍କ ଜମି ଉପରେ ପ୍ରଭାବଶାଳୀ ବ୍ୟକ୍ତିମାନେ ନଜର ପକାଇପାରିବେ ନାହିଁ। ସେହିପରି ଧନୀ ଲୋକ ଆଉ ଚାପ ପକାଇ ଅନୁସୂଚିତ ଜନଜାତି ଓ ଜାତି ଲୋକଙ୍କ ଜମି ହଡ଼ପ କରିପାରିବେ ନାହିଁ। ଆଦିବାସୀଙ୍କ ଜମି ଏଣିକି ସରକାର କିଣିବେ। ଏଥିପାଇଁ ଖୁବଶୀଘ୍ର ସରକାର କର୍ପସ ଫଣ୍ଡ ଗଠନ କରିବାକୁ ଚିନ୍ତା କରୁଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ।



ସରକାର ଉକ୍ତ ଜମିକୁ ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗରର ପ୍ରମୁଖ ସଚିବ, ଏସ୍‌ସିଏସ୍‌ଟି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଏବଂ ଏସ୍‌ଟି ବିଭାଗର ଗୃହ କମିଟି, ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ନିଷ୍ପତ୍ତି ନିଆଯିବ। ଶ୍ରୀ ପୂଜାରୀ କହିଛନ୍ତି, ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ।

# ଜୟଶଙ୍କରଙ୍କୁ ରାହୁଲଙ୍କ ୩ଟି ପ୍ରଶ୍ନ

ନୂଆଦିଲ୍ଲୀ (ଭିଓଭି): ଅପରେସନ ସିନ୍ଦୁର ପରେ କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିୟମିତଭାବେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ.ଜୟଶଙ୍କରଙ୍କୁ ଟାର୍ଗେଟ୍ କରିଚାଲିଛନ୍ତି। ଆଜି ସେ କହିଛନ୍ତି ଯେ ଜୟଶଙ୍କରଙ୍କ ସମୟରେ ଭାରତର ବୈଦେଶିକ ନୀତି ନଷ୍ଟ ହୋଇଯାଇଛି । ରାହୁଲ ଜୟଶଙ୍କରଙ୍କୁ 'ଜେଜେ' ବୋଲି ସମ୍ବୋଧନ କରି ତାଙ୍କୁ ୩ଟି ପ୍ରଶ୍ନ ପଚାରିଛନ୍ତି। ରାହୁଲ ଗାନ୍ଧୀ ଲେଖିଛନ୍ତି, 'ଜେଜେ' କଣ କହିବେ ଯେ ଭାରତକୁ ପାକିସ୍ତାନ ସହିତ କାହିଁକି ଯୋଡାଯାଇଛି କାହିଁକି ଗୋଟିଏ ବି ଦେଶ ପାକିସ୍ତାନକୁ ନିନ୍ଦା କରିବାରେ ଆମ ସହିତ ଯୋଗ ଦେଲେ ନାହିଁ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କୁ କିଏ ଅନୁରୋଧ କରିଥିଲା । ରାହୁଲ ଗାନ୍ଧୀ ଲେଖିଛନ୍ତି, 'ଜେଜେ' କଣ କହିବେ ଯେ ଭାରତକୁ ପାକିସ୍ତାନ ସହିତ କାହିଁକି ଯୋଡାଯାଇଛି । କାହିଁକି ଗୋଟିଏ ବି ଦେଶ ପାକିସ୍ତାନକୁ ନିନ୍ଦା କରିବାରେ ଆମ ସହିତ ଯୋଗ ଦେଲେ ନାହିଁ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଡୋନାଲ୍ଡ ଟ୍ରମ୍ପଙ୍କୁ କିଏ ଅନୁରୋଧ କରିଥିଲା । କଂଗ୍ରେସ ପୂର୍ବରୁ ବୈଦେଶିକ ମନ୍ତ୍ରୀଙ୍କୁ ନୂତନ ଯୁଗର ଜୟଚନ୍ଦ ବୋଲି ବର୍ଣ୍ଣନା କରିଥିଲା। ଏହା ପ୍ରାୟତଃ ବିଶ୍ୱାସଘାତକର ପ୍ରତିଶବ୍ଦ ଭାବରେ ବ୍ୟବହୃତ ହୁଏ। ମହାରାଜା ଜୟଚନ୍ଦ ଦ୍ୱାଦଶ ଶତାବ୍ଦୀର ରାଜପୁତ ରାଜା ଥିଲେ। କେବଳ ରାହୁଲ ଗାନ୍ଧି ନୁହେଁ, କଂଗ୍ରେସ ଦଳ ମଧ୍ୟ ଜୟଶଙ୍କର ଓ ସରକାରଙ୍କୁ ଏହି ପ୍ରସଙ୍ଗରେ ସମାଲୋଚନା କରିଚାଲିଛି । ତେବେ ସରକାର ପୂର୍ବରୁ ହିଁ ଏହି ଅଭିଯୋଗକୁ ଖାରଜ କରିସାରିଛନ୍ତି । ରାହୁଲ ବୈଦେଶିକ ମନ୍ତ୍ରୀଙ୍କ ବୟାନର ଭୁଲ ଅର୍ଥ ବାହାର କରିଛନ୍ତି ବୋଲି ବୈଦେଶିକ ମନ୍ତ୍ରାଳୟ କହିଛି ।

## ସଂ ପା ଦ କୀ ୟ

# ପଇସା ଦେଇ ଅତିଥି ହୁଅ

ନିକଟ ଅତୀତରେ ଖବରକାଗଜରୁ ଏକ ବିଚିତ୍ର ଖବର ପଢିବାକୁ ମିଳିଥିଲା। କୌଣସି ଏକ ସାଂସ୍କୃତିକ ଅନୁଷ୍ଠାନ ଜଣେ ଭଦ୍ରବ୍ୟକ୍ତିଙ୍କୁ ଅତିଥି କରି ଡାକିଥିଲେ। ସଭାକୁ ଆମନ୍ତ୍ରଣ କରିବା ପୂର୍ବରୁ କର୍ମକର୍ତ୍ତାମାନେ ଅତିଥିଙ୍କୁ ଚାନ୍ଦା କେତେ ଦେବେ ବୋଲି ପଚାରିବାରୁ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। କିନ୍ତୁ ଅତିଥି ହେବାର ଲାଳସା ବି ଥିଲା ସୁତରାଂ ସେ ମୂଲଚାଲ କରିଥିଲେ। ମୂଲଚାଲରୁ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା ଓ ଅତିଥି ସଭାମଣ୍ଡନ କରିବେ କଣ ଅପମାନିତ ହୋଇ ଫେରିଥିଲେ। ଏହି ଖବରଟିକୁ ଦେଖିବା ପରେ ୨୦୧୬ମସିହାର ମୋର ନିଜସ୍ୱ ଏକ ଅନୁଭୂତି ମନେପଡ଼ିଗଲା। ମୁଁ ସେତେବେଳେ ମୋ ନିଜ ଜିଲ୍ଲା ନୟାଗଡ଼ରେ ଆଦିତ୍ୟ ବିର୍ଲା ଲାଇଫ୍ ବୀମା କମ୍ପାନୀର ଶାଖା ପରିଚାଳକ ଭାବେ ଅବସ୍ଥାପିତ ଥାଏ। ଶାଖା ପରିଚାଳକ ଭାବେ ସାଧାରଣତଃ ବିଭିନ୍ନ ଅଞ୍ଚଳର ବୀମା ବିକ୍ରେତା (ଏଜେଣ୍ଟ ବା ଆଡଭାଇଜର୍) ମାନଙ୍କ ସହ ମୋର ଭଲ ସମ୍ପର୍କ ରହିବା ଏକ ସ୍ୱାଭାବିକ କଥା। ସେହି ସମ୍ପର୍କ ଆଧାରରେ ହଠାତ୍ ଦିନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର କିଛି ଆଡଭାଇଜର୍‌ଙ୍କ ସହ ଗୋଟିଏ ଅନୁଷ୍ଠାନର କର୍ମକର୍ତ୍ତାମାନେ ମୋ ସହିତ ଭେଟ ହୋଇ ସେମାନେ ଆୟୋଜନ କରୁଥିବା ଏକ ଖେଳକୁଦ କାର୍ଯ୍ୟକ୍ରମର ଅତିଥି ହେବା ପାଇଁ ଅନୁରୋଧ କରିଥିଲେ। ସେହି ଖେଳରେ ମୋର ଦକ୍ଷତା ବା ଜ୍ଞାନ ନଥିବାର କାରଣ ଦର୍ଶାଇ ଅତିଥି ହେବା ପାଇଁ ପ୍ରଥମେ ମୁଁ ଅନିଚ୍ଛା ପ୍ରକାଶ କରିଥିଲି। ମୋର ଅନିଚ୍ଛାକୁ ଗୁରୁତ୍ୱ ନଦେଇ ସେମାନେ ନିଜ ଜିଦ୍ଦିରେ ଅଟଳ ରହିବାର ଦେଖି ମୁଁ ସେମାନଙ୍କର ମନ ଊଣା ନକରିବା ଉଦ୍ଦେଶରେ ରାଜି ହୋଇଯାଇଥିଲି।

କାର୍ଯ୍ୟକ୍ରମ ଦିନାଙ୍କ ପାଖେଇ ଆସୁଥାଏ। ଦୈନିକ ସେହି ଅନୁଷ୍ଠାନର କର୍ମକର୍ତ୍ତାମାନେ ସନ୍ଧ୍ୟାରେ ଆସି ମୋ ଅଫିସରେ ବସି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରୁଥାନ୍ତି। ମୋ ନିଜର ବ୍ୟକ୍ତିଗତ ଅଫିସ କାମର ଚାପ ଥିଲେ ମଧ୍ୟ, ଯେହେତୁ ମୁଁ ସେହି ଅନୁଷ୍ଠାନକୁ ଅତିଥି ହୋଇ ଯିବାପାଇଁ ପ୍ରତିଶ୍ରୁତି ଦେଇଛି, ସେମାନଙ୍କର ସବୁ କଥାବାର୍ତ୍ତା ଶୁଣୁଥାଏ ଓ ତହିଁରେ ଅଳ୍ପ ଅଂଶ ଗ୍ରହଣ ବି କରୁଥାଏ। ମନେ ମନେ ଭାବୁଥାଏ ମୋ ଭଳି ଜଣେ ଜୀବନ ବୀମା କମ୍ପାନୀର ଶାଖା ପରିଚାଳକକୁ ଏମାନେ ମୁଖ୍ୟ ଅତିଥି କରି କାହିଁକି ଡାକୁଛନ୍ତି। କାର୍ଯ୍ୟକ୍ରମର ଠିକ୍ ପୂର୍ବଦିନ ତାର ପ୍ରକୃତ କାରଣ ମୋତେ ଜଣା ପଡ଼ିଯାଇଥିଲା, ଯେତେବେଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ରସିଦ୍ ବହି ଧରି ଆସି କେତେ ପଇସା ଦେବେ ବୋଲି ପଚାରିଥିଲେ। କୌଣସି ଅନୁଷ୍ଠାନର ଧାର୍ମିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ୧୦୦, ୨୦୦ କିମ୍ବା ୫୦୦ଟଙ୍କାର ଚାନ୍ଦା ଦେବାଭଳି ନଦେଇ ମୁଁ ୧୦୦୦ଟଙ୍କାର ରସିଦ୍ କାଟିବା ପାଇଁ କହିଥିଲି। ମୋ କଥା ଶୁଣିବାକ୍ଷଣି ଅନୁଷ୍ଠାନର ସଭାପତି ମୋତେ ଏକ ହାତଲେଖା ଚିଠା ଦେଖାଇଥିଲେ। ଯେଉଁଥିରେ ମୁଖ୍ୟ ଅତିଥି ହେବା ପାଇଁ ୧୦ହଜାର, ସମ୍ମାନୀୟ ଅତିଥି ପାଇଁ ୫ହଜାର ଓ କେବଳ ଅତିଥି ହେବା ପାଇଁ ୨ହଜାର ଟଙ୍କା ଅତିକମ୍'ରେ ଦେବା ପାଇଁ ଲେଖା ଯାଇଥିଲା। ମନେ ମନେ ଅସନ୍ତୁଷ୍ଟ ହେଲେ ମଧ୍ୟ ତାକୁ ଚାପି ରଖି ନିଜ ବୀମା ଶାଖାର କିଛି ଆଡଭାଇଜର୍‌ଙ୍କ ମନକୁ ନଭାଙ୍ଗିବା ପାଇଁ ସାଧାରଣ ଅତିଥିଙ୍କ ପାଇଁ ଉଦ୍ଦିଷ୍ଟ ଚାନ୍ଦା ୨୦୦୦ଟଙ୍କା ଦେଲି ସିନା ସେମାନଙ୍କ କାର୍ଯ୍ୟକ୍ରମରେ ଆଉ ଯୋଗ ଦେଇ ନଥିଲି। ଆଜିକାଲି ଯୁଆଡେ ଦେଖିବ ସେହି ଟ୍ରେଣ୍ଡ୍। ଗାଆଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ରାଜନୈତିକ ଦଳର ଛୋଟ ବଡ କର୍ମକର୍ତ୍ତାମାନେ ନିଜ ନିଜର ରାଜନୈତିକ ଦୁରାଭିସନ୍ଧିକୁ ପୂରଣ କରିବା ପାଇଁ ଖୋଜି ଖୋଜି ଫୁଟବଲ, କ୍ରିକେଟ, ଇତ୍ୟାଦି ଖେଳ, ମନ୍ଦିର ପ୍ରତିଷ୍ଠା, ଦେବଦେବୀଙ୍କ ଯଜ୍ଞ, ରାମ ଚରିତ ମାନସ, ଅଷ୍ଟପ୍ରହରୀ ଭଳି ଧାର୍ମିକ କାର୍ଯ୍ୟକ୍ରମ, ଡ୍ରାମା, ପାଲା, ଘୁଡୁକି, ଘୋଡ଼ା ନାଚ ଇତ୍ୟାଦି ସାଂସ୍କୃତିକ ଓ ମନୋରଞ୍ଜନ ଅନୁଷ୍ଠାନ ମାନଙ୍କରେ ଭଲ ଚାନ୍ଦା ଦେଇ ଅତିଥି ଚୌକି ମଣ୍ଡନ କରୁଛନ୍ତି। ଯିଏ ଭଲ ଚାନ୍ଦା ଦେଲା ସେ ଅତିଥି ହେଲା। କୌଣସି କାର୍ଯ୍ୟକ୍ରମ କରିବା ପୂର୍ବରୁ ପଇସା ଆଦାୟର ରଣନୀତି କରିବାକୁ ଯାଇ ବିଭିନ୍ନ ରାଜନୈତିକ ଦଳର ଦଣ୍ଡିଆମାନଙ୍କ ମାଧ୍ୟମରେ ନେତା ହେବା ପାଇଁ ମନରେ କୁରୁଳୁଥିବା ନେତା ମାନଙ୍କ ତାଲିକା କରି ତାଙ୍କ ସହ ଚାନ୍ଦାଭେଦା ଆଗୁଆ ସ୍ଥିର କରି ଅନୁଷ୍ଠାନର ଅତିଥି କରୁଛନ୍ତି। ସେଥିପାଇଁ ଆଜିକାଲି କୌଣସି ସଭାରେ ବିଦ୍ୱାନ, ଜ୍ଞାନୀ, ଗୁଣୀମାନଙ୍କ ମୁହଁ ଆଉ ବେଶୀ ଦେଖା ଯାଉନାହିଁ। ସାହିତ୍ୟ ସଭାରେ ଆଉ ସାହିତ୍ୟ ଆଲୋଚନା ହେଉ ନାହିଁ, କି ଧାର୍ମିକ କାର୍ଯ୍ୟକ୍ରମରେ ସାଧୁ ସନ୍ଥ ମାନଙ୍କ ଉପସ୍ଥିତି ଆଉ ଦେଖିବାକୁ ମିଳୁନି। ଆଜିର ଏଇ ଲେଖା ମାଧ୍ୟମରେ ପ୍ରତ୍ୟେକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଗୋଟିଏ ଅନୁରୋଧ କରିବାକୁ ଚାହିଁବି, କେବଳ ପଇସା ଦିଆ ଅତିଥିଙ୍କ ଉପରେ ଗୁରୁତ୍ୱ ନଦେଇ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ଓ ପ୍ରତିଭାସମ୍ପନ୍ନ ଅତିଥିମାନଙ୍କୁ ଆଣିବା ଉପରେ ଗୁରୁତ୍ୱ ଦିଅନ୍ତୁ ନହେଲେ ପଇସା ଦିଆ ଅତିଥିଙ୍କ ସଂଖ୍ୟା ବଢିବାରେ ଲାଗିବ।

ଜ୍ଞାନ ରଞ୍ଜନ ମିଶ୍ର

**ଆପଣଙ୍କ ଅଭିଯୋଗ, ସମସ୍ୟା ଓ ମତାମତକୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଲେଖା ମଧ୍ୟ ପଠାଇ ପାରିବେ।**

ମୋବାଇଲ (ହ୍ୱାଟସ୍ଆପ୍) ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ : କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ଦୀର୍ଘାୟୁ ପ୍ରୟାସରେ ମଣିଷ

**ଡକ୍ଟର ଲକ୍ଷ୍ମଣ ସାହୁ**

ଦଶନ୍ଧିର ଦଶନ୍ଧି ମଧ୍ୟରେ ଡାକ୍ତରୀ ବିଜ୍ଞାନର କୃତିତ୍ୱ ଉପରେ, ବିଶ୍ୱାସ ଜନ୍ମ ହେଲା ଯେ ମଣିଷର ଦୀର୍ଘାୟୁ ହେବାର ସ୍ୱପ୍ନ ବାସ୍ତବରେ ସଫଳ ହୋଇପାରେ କିନ୍ତୁ କୋଭିଡ ମହାମାରୀର ଏହି ଦୁଇ ବର୍ଷର ଯାତ୍ରା 'ଦୀର୍ଘାୟୁ" ସୃଷ୍ଟି କରିଛି ଆଶୀର୍ବାଦ ଗୁଡିକ ବର୍ଜନ କରାଯାଇଛି ନିକଟରେ ଏହିପରି କିଛି ଅଧ୍ୟୟନ ବାହାରିଛି, ଯାହା ଦର୍ଶାଉଛି ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱରେ ମଣିଷର ହାରାହାରି ବୟସରେ ସବୁଠୁ ବଡ ହ୍ରାସ ଘଟିଛି । ଏକ ସମୟରେ ଯେତେବେଳେ ସମଗ୍ର ବିଶ୍ୱ କରୋନା ଜୀବାଣୁ ସହିତ ଲଢିବା ଉପରେ ଧ୍ୟାନ ଦେଇଥାଏ, ଏହିପରି ଅଧ୍ୟୟନଗୁଡ଼ିକ ନିରାଶାଜନକ ଏବଂ ଆୟୁଷ ବୃଦ୍ଧି ପାଇଁ ସମସ୍ତ ପ୍ରୟାସକୁ ପ୍ରଶ୍ନ କରିଥାଏ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଚାଲିଛି, ତାହାର ପରିସମାପ୍ତି ସରିନାହିଁ । ମୃତ୍ୟୁ ଘଟିଛି । ଏଆମଧ୍ୟରୁ ଆମେରିକାରେ ୮.୩୦୦ ଲକ୍ଷ ମୃତ୍ୟୁ ଘଟିଛି । ଏହା ଦ୍ୱାରା ବିଭିନ୍ନ ବୟସ ବର୍ଗରେ ବ୍ରାଜିଲ (୪.୧୪ ଲକ୍ଷ) ଏବଂ ଭାରତ (୪-୬୯ ଲକ୍ଷ) ଅଧିକ ହୋଇପାରେ । ଏହି ସବୁ ତଥ୍ୟ କେବଳ ଆୟୁଷ ହାରରେ ଆକଳନ କରାଯାଇଥିଲା । ଏହି ସିଦ୍ଧାନ୍ତଟି ଆମେରିକାର ଆୟୁଷ ହାରରେ ସବୁଠାରୁ ବଡ ସଫଳତା ଦେଇଛି । ଅର୍ଥାତ୍ ଦୀର୍ଘାୟୁ ହେବାର ଆଶୀର୍ବାଦ ଥିଲା । ଏହାର କାରଣ ହେଉଛି ଯେ ୨୦୨୦ ମସିହାରେ, ୬୨ ବର୍ଷରୁ କମ୍ ବୟସର ଗୋଷ୍ଠୀରେ ଆୟୁଷ ସର୍ବାଧିକ ହ୍ରାସ ପାଇଛି । ଯାହାକି କାର୍ଯ୍ୟ ବୟସ ବୋଲି ବିବେଚନା କରାଯାଏ । ଆମେରିକାରେ ଓ ୟୁରୋପର ଅଧିକାଂଶ ଦେଶରେ ଏହି ବୟସ ଶ୍ରେଣୀରେ (୬୦ ବର୍ଷରୁ କମ୍) ମୃତ୍ୟୁ ଘଟିଛି । ଏହା ଦୁନିଆରେ ଦୀର୍ଘାୟୁ ଏକଥା ସ୍ପଷ୍ଟ ହୋଇଛି ଯେ ବାର୍ଦ୍ଧକ୍ୟ ହେବାର ନିଶ୍ଚିତତା ଉପରେ ଆଶା ହେଉଛି ଏକ ପ୍ରକ୍ରିୟା ଯାହା ପୃଥିବୀର ଦେଇଛି । ୨୦୧୫ ରୁ ୨୦୨୦ ପ୍ରତ୍ୟେକ ଜୀବକୁ ସାମ୍ନା କରିବାକୁ ମଧ୍ୟରେ ଲିଙ୍ଗ ଏବଂ ବୟସ ଅନୁଯାୟୀ ପଡ଼ିଥାଏ । ବିଜ୍ଞାନର ପରୀକ୍ଷା ନିରୀକ୍ଷାରୁ ମୃତ୍ୟୁ ହାରକୁ ବିଭକ୍ତ କରି ଦେଖାଗଲା ଜଣାପଡିଛି ବୃଦ୍ଧାବସ୍ଥା ପ୍ରକୃତରେ ଯେ ୨୯ ଟି ଦେଶ ମଧ୍ୟରୁ ୨୭ ଟି କୋଷଗୁଡ଼ିକର ବିଭାଜନ ହାର ଉପରେ ଦେଶରେ ୨୦୨୦ ମସିହା ରେ ଆୟୁଷ ନିର୍ଭରଶୀଳ । ମାନବ କୋଷଗୁଡ଼ିକ ମୃତ୍ୟୁ ହ୍ରାସ ପାଇଛି । ୨୦୨୯ ମସିହା ପୂର୍ବରୁ ହାରାହାରି ୫୦ ଗୁଣ ଭାଗ କରନ୍ତି । ତୁଳନାରେ ୧୫ ଟି ଦେଶରେ ୨୦୧୫ କୋଷଗୁଡ଼ିକର ସଂଖ୍ୟା ଯେତେ ବିଭାଜନ ଏବଂ ମହିଳାଙ୍କ ମଧ୍ୟରେ ୧୦ ବର୍ଷ ହୁଏ, ମଣିଷର ଦକ୍ଷତା ଧୀରେ ଧୀରେ ମଧ୍ୟରେ ଆୟୁଷ ହ୍ରାସ ଘଟିଛି । କମିଯାଏ । ବାର୍ଦ୍ଧକ୍ୟର ଅନ୍ୟ ଏକ କାରଣ ସମଗ୍ର ଦେଶରେ ଏହି ବିଷୟରେ ମଧ୍ୟ ଟେଲୋମେଇସ୍ ର ଲମ୍ବ ଘଟଣା ଅଧ୍ୟୟନରତ, ଗବେଷକ ବୋଲି ବିବେଚନା କରାଯାଏ । ଟେଲୋମେରସ୍ ବାସ୍ତବରେ ଏକ ପ୍ରକାର ଏନଜାଇମ୍ । ଯାହା ମଣିଷର ସୁବାବସ୍ଥାରେ ପ୍ରଚୁର ପରିମାଣରେ ସୃଷ୍ଟି ହୋଇଥାଏ । ଏହି ଏନଜାଇମ୍ ଡିଏନ୍ ଏ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିଥାଏ । ତେବେ ପ୍ରଶ୍ନ ହେଉଛି କୋଲିନ୍ ମହାମାରୀ ଟେଲୋମେରର ଲମ୍ବ ହ୍ରାସ କରିଛି କି ? ଜୀବନର ଆଶା ହାରରେ ପରିବର୍ଜନ ଏହି ଅଧ୍ୟୟନ ପାଇଁ, ଅକ୍ସଫୋର୍ଡ ୟୁନିଭରସିଟିର ଅନୁସନ୍ଧାନକାରୀମାନେ ୨୦୨୦-୨୧ ରେ ମୃତ୍ୟୁର ତଥ୍ୟ ପ୍ରସ୍ତୁତ କରିଛନ୍ତି । ବିଶ୍ୱ ବ୍ୟାପୀ, ଜିସେମ୍ବର ୨୦୨୧ ପର୍ଯ୍ୟନ୍ତ, କୋଭିଡ -୧୯ ହେତୁ ୫୨ ଲକ୍ଷ ୨୩୦୦୦ ରୁ ଅଧିକ ଲୋକଙ୍କର ଅନୁସନ୍ଧାନକାରୀ ମାନେ କରୋନା ଅବଧିକୁ ୧୦୧୫ ସହିତ ତୁଳନା କରିଥିଲେ । କାରଣ ସେହି ସମୟରେ ଫ୍ ରତୁରେ ହଜାର ହଜାର ଲୋକ ଜୀବନ ହରାଇଥିଲେ । ସେନ, ଇଂଲଣ୍ଡ, ଇଟାଲୀ, ବେଲଜିୟମ ଏବଂ ଅନ୍ୟ ପାଶ୍ଚାତ୍ୟ ୟୁରୋପୀୟ ଦେଶମାନଙ୍କରେ ଯେ କୌଣସି ବର୍ଷରେ ଆୟୁଷର ହ୍ରାସ କେବଳ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଘଟିଥିଲା । ଅମ୍ମୁଖରେ ଏହି ହ୍ରାସ କେତେ ଜାଣିବାକୁ ଚେଷ୍ଟା କରାଯାଇଥିଲା ଜୁଲାଇ ୨୦୨୧ ରେ ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନର ରିପୋର୍ଟରୁ ଏହା ଆକଳନ କରାଯାଇଛି । ଏହି ରିପୋର୍ଟରେ କୁହାଯାଇଛି ଯେ ସାରା ବିଶ୍ୱରେ ଆୟୁଷ ହାର ବୃଦ୍ଧି ପାଇଛି । ଏହି ରିପୋର୍ଟରେ। ଏକ ବିରୋଧୀ ଚିତ୍ର ପ୍ରକାଶ ପାଇଛି ଯେ ଜନ୍ମ ସମୟରେ ବିଶ୍ୱର ହାରାହାରି ବୟସ ୭୩.୩ ବର୍ଷ ହୋଇଥିବାବେଳେ ଅକ୍ସଫୋର୍ଡ ୟୁନିଭରସିଟି ଅନୁଯାୟୀ ସୁସ୍ଥ ଆୟୁ୬୩.୭ ବର୍ଷ ଅଟେ । ଅକ୍ସଫୋର୍ଡ ଅଧ୍ୟୟନ ଓ ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନ ରିପୋର୍ଟ ମଧ୍ୟରେ କାହିଁକି ବିବାଦ ଅଛି ବୋଲି ଜଣେ ପ୍ରଶ୍ନ କରିପାରନ୍ତି । ଗୋଟିଏ ଅଧ୍ୟୟନରେ ଆୟୁଷ ହ୍ରାସ ହୋଇଥିବାବେଳେ ଅନ୍ୟ ଏକ ବୃଦ୍ଧି ରିପୋର୍ଟ ହୋଇଛି । ଏହାର ପ୍ରକୃତ କାରଣ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ପରିସଂଖ୍ୟାନ ରିପୋର୍ଟରେ ୨୦୨୦ ମସିହାରେ ମୃତ୍ୟୁ ସଂଖ୍ୟା ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଯେଉଁଥରେ ସମଗ୍ର ବିଶ୍ୱ କୋଭିଡ -୧୯ ରେ ରହିଥିଲା । ୧୪୦ ବର୍ଷ ହେବାର ସ୍ୱପ୍ନ କିମ୍ବା ଆୟୁଷ ବୃଦ୍ଧି ପାଇଁ ପ୍ରୟାସ ହୁଏତ ଚନ୍ଦ୍ରଗ୍ରହଣ ହୋଇଥାଇପାରେ । କିନ୍ତୁ ଦୁନିଆରେ ଏପରି ଉଦ୍ଭାବନ ଚାଲିଛି, ଯାହା ବିଶ୍ୱାସ କରେ ଯେ ମଣିଷ ଅମର ହୋଇପାରିବ ନାହିଁ । କିନ୍ତୁ ୧୦୦ କିମ୍ବା ତା ଠାରୁ ଅଧିକ ବଞ୍ଚିବାର ବ୍ୟବସ୍ଥା । ୧୪୦ ବର୍ଷ ଚିକିତ୍ସା ବିଜ୍ଞାନକୁ ପରିବର୍ତ୍ତନ କରିପାରିବ । ଏକ ପରୀକ୍ଷଣ ପରି ଆମେରିକୀୟ ଲେଖକ ଭାଇ କୁର୍ନବିଲ୍ ପ୍ରତିଦିନ ଦୁଇ ଭଜନ ଟାବଲେଟ୍ ଖାଇ ନିଜ ଉପରେ ଚେଷ୍ଟା କରୁଛନ୍ତି । ସେମାନଙ୍କର କୌଣସି ରୋଗ ନାହିଁ କିନ୍ତୁ ସେମାନେ ଭବିଷ୍ୟତରେ ଏକ ସ୍ୱପ୍ନ ଦେଖୁଛନ୍ତି । ଏହାକୁ ସାକାର କରିବା, ପାଇଁ, ସେମାନେ ପ୍ରତିଦିନ ଅନେକ ବଟିକା ଔଷଧ ଖାଉଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ବର୍ତ୍ତମାନ ବିଜ୍ଞାନ ସାହାଯ୍ୟରେ ଜଣେ ବ୍ୟକ୍ତିଙ୍କ ଜୀବନ ବଢିପାରିବ । ଯଦିଓ ତାଙ୍କର ସ୍ୱପ୍ନ ହେଉଛି ନିଜକୁ ଅମର କରିବା, କିନ୍ତୁ ଯଦିଓ ସେ ଅମର ହୋଇପାରିବେ ନାହିଁ, ତେବେ ସେ ଶହେ ବର୍ଷ କିମ୍ବା ୧୪୦ ବର୍ଷ ବୟସ ପର୍ଯ୍ୟନ୍ତ ବଞ୍ଚିବାକୁ ଚାହାନ୍ତି । ଏହା ସହିତ ସେମାନେ ପ୍ରମାଣ କରିବାକୁ ସମର୍ଥ ହେବେ ଯେ ଅତି କମରେ ଶହେ ବର୍ଷ ପର୍ଯ୍ୟନ୍ତ ମନୁଷ୍ୟର ବଞ୍ଚିବାର ସମ୍ଭାବନାକୁ ପରିବର୍ତ୍ତନ କରିବା ପ୍ରକୃତରେ କଷ୍ଟସାଧ୍ୟ ନୁହେଁ । ବିଜ୍ଞାନର ଯେଉଁ ଉପାୟରେ। ଅମରବାର ସ୍ୱପ୍ନକୁ ବିକଶିତ କରାଯାଇଛି, ତାଲା ଦେଖିବାର ସମ୍ଭାବନା ବହୁତ ଦୂରରେ ଦେଖାଯାଏ ନାହିଁ । ଜଣେ ବ୍ୟକ୍ତିର ହାରାହାରି ବୟସ ୧୫ କିମ୍ବା ୨୦ ବର୍ଷ ବ ବଢିପାରେ ଏବଂ ଏହା ଶହେତୁ ଅଧିକ ହୋଇପାରେ । ସେଠାରେ ସକ୍ରିୟ ବନବିଭାଗ ଅଛି । ଏହି ପରିପ୍ରେକ୍ଷୀରେ ଅନ୍ୟ କେତେକ ବ୍ୟବହାର ବିଷୟରେ ଉଲ୍ଲେଖ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ୨୦୧୫ ମସିହାରେ, ସମାନ ଭାବରେ, କଲଫିସ୍ ବୈଜ୍ଞାନିକ ପରିବାରର ଜଣେ ସଦସ୍ୟ ଏପରି ଲୋକଙ୍କୁ ପାଇଲେ ଯେଉଁମାନେ ୟାସିଙ୍କ ନିକଟତର ଅଟନ୍ତି । ଆମେରିକାର ପାୟୋନା କଲେଜ ହେଉଛି ଗୋଟିଏ । ପ୍ରାୟ କହିଥିଲେ ଯେ ଏହି ଜୀବଟି ଏକ ସେଣ୍ଟିମିଟର ଲମ୍ବା ବୋଲି ବଢିଥିବା ବୟସକୁ ପରାସ୍ତ କରିବାରେ ସକ୍ଷମ ହୋଇଥିବା ଦେଖିବାକୁ ମିଳିଥିଲା ଯାହା ନିଜକୁ କ୍ରମାଗତ ଭାବରେ ବଦଳାଇଥାଏ । ତାହା ହେଉଛି, ଏହାର ପ୍ରଥମ ଷ୍ଟେମ୍ ସେଲ୍ ଶରୀରରେ, ପୁରୁଣା କୋଷଗୁଡ଼ିକ ନିଜେ ଶରୀରରୁ ଅପସାରିତ ହୁଅନ୍ତି ଓ ନୂତନ କୋଷଗୁଡ଼ିକ ସେମାନଙ୍କ ସ୍ଥାନ ଗ୍ରହଣ କରନ୍ତି । ଏହା ଏକ ନୂତନ ଅଟେ । ସର୍ବଶେଷରେ ବୈଜ୍ଞାନିକମାନେ ମଣିଷର ବୟସ ବଢାଇବା ବିଷୟରେ ବଡ଼ ସ୍ୱପ୍ନ ଦେଖାଇବେ । କୌତୂହଳର ପ୍ରଶ୍ନ ମନରେ ଜାଗରିତ ହୋଇ କେବେ ଏହା ସମ୍ଭବ ହେବ । ବିଶିଷ୍ଟ ବୈଜ୍ଞାନିକ ଡାକ୍ତର ଆବେ କିଟ୍ରେ (ସେନ୍ସ ରିସର୍ଚ୍ଚ ଫାଇଣ୍ଡେସନର ମୁଖ୍ୟ ବିଜ୍ଞାନ ଅଧିକାରୀ) ମଧ୍ୟ ଏ ବିଷୟରେ ଅନୁମାନ କରିବାକୁ ଚେଷ୍ଟା କରିଥିଲେ । ସେ ପୂର୍ବ ଆଶା ରଖୁଥିଲେ ଯେ ଆଗାମୀ ୧୫ ବର୍ଷରେ ଜଣେ ବ୍ୟକ୍ତି ଅତି କମରେ ଶହେ ବର୍ଷ ବଞ୍ଚିଥିବା ବେଳେ ଏହି ଚମତ୍କାର କରିବା ସମ୍ଭବ ହେବ ବୋଲି ବିଶ୍ୱାସ ଜମିଛି । ଯେହେତୁ ତାରିଖରେ ପରିବର୍ତ୍ତନ ଆସିପାରେ, କାରଣ ଘୋଷଣା ସମୟରେ ସେଠାରେ ଥିବା କରୋନା ଜୀବାଣୁ ବିସ୍ତାର ହୋଇନଥାଏ । ବାର୍ଦ୍ଧକ୍ୟ ଜନିତ ଔଷଧ ଗବେଷଣା ଉପରେ କାର୍ଯ୍ୟ କରୁଥିବା ଡାକ୍ତର ଟ୍ରେଙ୍କ ଅନୁଯାୟୀ, କୋଷଗୁଡ଼ିକର ଅବକ୍ଷୟକୁ ବନ୍ଦ କରି ଏବଂ ଶରୀରରେ ଅବା ଅପରିଷ୍କାର ଗୁଡିକୁ ଓଲଟାଇ ବାନ୍ଧି କ୍ୟାକୁ କିଛି ମାତ୍ରାରେ ବନ୍ଦ କରାଯାଇପାରେ । ଯେହେତୁ ବର୍ତ୍ତମାନ ବିଜ୍ଞାନ ଏହି କାର୍ଯ୍ୟ କରିବାକୁ ନିକଟତର ହୋଇଛି । ତେଣୁ ୧୦୦ ବର୍ଷର ଜୀବନକୁ ଏକ ସାଧାରଣ ପରିଣତ କରିବା ସମ୍ଭବ ହୋଇପାରେ । ମନେରଖିବା ଉଚିତ୍ ଯେ ହେ କିମ୍ବା ପଚାଶ ବର୍ଷ ପୂର୍ବେ, ମଣିଷର ହାରାହାରି ବୟସ ସେତେ ଅଧିକ ନଥିଲା । ଲୋକମାନେ ପଚାଶ ବର୍ଷ ବୟସ ପରେ ବୃଦ୍ଧି ଦେଖାଯାଇଥିଲେ ଏବଂ ଶୀଘ୍ର ସେମାନେ ମରିଯିବେ ବୋଲି ଆଶଙ୍କା ଥିଲା । କିନ୍ତୁ ଗତ ପାଞ୍ଚ-ଛଅ ଦଶନ୍ଧି ମଧ୍ୟରେ ସାରା ବିଶ୍ୱରେ ହାରାହାରି ବୟସ ବୃଦ୍ଧି ପାଇଛି । ଅବଶ୍ୟ ସମସ୍ତେ ଜାଣିବାକୁ ଚାହାଁନ୍ତି ଯେ ବିଜ୍ଞାନ କ'ଣ ଚମତ୍କାର କରିଛି, ଯାହା ଜଣେ ବ୍ୟକ୍ତିର ହାରାହାରି ବୟସ ଦ୍ରୁତ ଗତିରେ ବଢୁଛି । ବୈଜ୍ଞାନିକଙ୍କ ମତାନୁସାରେ ଭଲ ଖାଦ୍ୟ ଇନ୍ନତ ଚିକିତ୍ସା ସୁବିଧା ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବୃଦ୍ଧାବସ୍ଥାରେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ବଜାୟ ରଖିବା ଉଚିତ । ଏତତ୍ ବ୍ୟତୀତ ମସ୍ତିଷ୍କ, ମାଂସପେଶୀ, ଗଣ୍ଠି, ପ୍ରତିରକ୍ଷା ପ୍ରଣାଳୀ, ଫୁସଫୁସ ଓ ହୃଦୟରେ ପରିବର୍ତ୍ତନକୁ ଗ୍ରହଣ କରିବାର ଯଥେଷ୍ଟ ଆବଶ୍ୟକ ରହିଛି । କାରଣ ଏହା ଦ୍ୱାରା ବାର୍ଦ୍ଧକ୍ୟକୁ ନିୟନ୍ତ୍ରଣ କରାଯାଇପାରିବ ।

# ପୁରୀ ରଥଯାତ୍ରା ପ୍ରସ୍ତୁତି ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ



ଭୁବନେଶ୍ୱର, (ଭିଓଭି): ଆଗାମୀ ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହେବା ପାଇଁ ଜାରି ରହିଥିବା ପ୍ରସ୍ତୁତି ସଂପର୍କରେ ଏକ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ଶ୍ରୀ ୱାଇ. ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ, ପୂର୍ତ୍ତ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂଙ୍କ ସମେତ ଅନ୍ୟ ସଂପୃକ୍ତ ବିଭିନ୍ନ ବିଭାଗର ସଚିବ, ପୁରୀ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ଶ୍ରୀ ବିନୀତ ଅଗ୍ରୱାଲଙ୍କ ସମେତ ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ତଥା ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ପାଢୀ ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି କାନ୍ତି ପାଇଁ ପ୍ରସ୍ତୁତି କରାଯାଉଥିବା, ରଥ ପ୍ରସ୍ତୁତି ଜାରି ସହ ଆବଶ୍ୟକ କାଠ ସଂଗ୍ରହ କାର୍ଯ୍ୟ କରାଯାଉଥିବା ସଂପର୍କରେ ସୂଚନା ଦେଇଥିଲେ । ରଥ ଟଣା ବେଳେ ଯେପରି ରଥ ସମ୍ମୁଖରେ ଅନାବଶ୍ୟକ ଗହଳି ନହୁଏ, ସେଥିପ୍ରତି ଆଲୋଚନା କରାଯାଇଥିଲା। ରଥଯାତ୍ରାରେ ଆଇନ୍ ଶୃଙ୍ଖଳା ରକ୍ଷା ସଂପର୍କରେ ପ୍ରସ୍ତୁତି ସଂପର୍କରେ ପୁରୀ ଆରକ୍ଷୀ ଅଧିକ୍ଷକ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ରଥ ଯାତ୍ରାରେ ଭିଭିଆଇପିମାନଙ୍କ ନିମନ୍ତେ ବସିବା ସ୍ଥାନ ଓ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଆଇନଶୃଙ୍ଖଳା ପ୍ରତି ପ୍ରାଥମିକତା ଦେବାକୁ ଗୁରୁତ୍ୱ ଦେଇଛନ୍ତି । ପୁର୍ବରୁ ଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ବୈଠକରେ ପୁଲିସ୍ ପ୍ରଶାସନ ତରଫରୁ ମୁତୟନ ହେବାକୁ ଥିବା ଆରକ୍ଷୀ ବଳଙ୍କ ପାଇଁ ଅସ୍ଥାୟୀ ଶିବିର ନିମନ୍ତେ ନଳକୂପ ସହିତ ୱାଟକୋ, ପୁରୀ ତରଫରୁ ପାନୀୟ ଜଳ ବ୍ୟବସ୍ଥା ଓ ସଫେଇ କର୍ମୀଙ୍କ ଦ୍ୱାର ପରିମଳ ରକ୍ଷା ସଂପର୍କରେ ଆଲୋଚନା କରାଯାଇଥିଲା । ଭକ୍ତ ତଥା ଜନସାଧାରଣଙ୍କ ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ସୁବିଧା ପାଇଁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ସହରର ବିଭନ୍ନ ଅଂଚଳରେ ପରିମଳ ବ୍ୟବସ୍ଥା ପାଇଁ ଯୋଜନା ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା । ସମ୍ଭାବ୍ୟ ବର୍ଷାରେ ଜଳ ନିଷ୍କାସନ ନିମନ୍ତେ ପ୍ରସ୍ତୁତି ସ୍ୱରୂପ ପୁରୀ ମ୍ୟୁନିସିପାଲିଟି ତରଫରୁ ୧୫ଟି ସମ୍ବେଦନଶୀଳ ଅଂଚଳ ଚିହ୍ନଟ କରାଯାଇଛି । ପୁରୀ ଡାକ୍ତରଖାନା ଛକ ସମେତ ସବୁଠି ଉଚ୍ଚ କ୍ଷମତା ସଂପନ୍ନ ଡିଜେଲ ପମ୍ପ ପ୍ରସ୍ତୁତି ରହିବ । ବିଭିନ୍ନ ସ୍ଥାନରେ ମୋବାଇଲ ଟଏଲେଟ୍ ଓ ଫାଇବର ପ୍ରସ୍ତୁତ ଶୌଚାଳୟ ସ୍ଥାପନ କରାଯିବ । ସେହିପରି ବିଭିନ୍ନ ରହଣି ସ୍ଥଳର ରକ୍ଷଣା ବେକ୍ଷଣ, ବିଦ୍ୟୁତ୍ ଭିତ୍ତିଭୂମି ଯାଂଚ, ଭିଆଇପି ମାନଙ୍କ ରହଣି ଓ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଟ୍ରାଫିକ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ, ଯାନ ବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥଟଣା ସୁବ୍ୟବସ୍ଥା, ପାସ୍ ବ୍ୟବସ୍ଥା, ବିଶିଷ୍ଟ ଅତିଥି ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା ।

# କରୋନା ପାଇଁ ଭୟଭୀତ ହେବାର କୌଣସି କାରଣ ନାହିଁ: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, (ଭିଓଭି): ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କୋଭିଡ-୧୯ ମାମଲା ନିଶ୍ଚିତ ହେବା ପରେ, ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ରାଜ୍ୟବାସୀଙ୍କୁ ଶାନ୍ତ ରହିବାକୁ ଅନୁରୋଧ କରିଛି ଏବଂ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଓ ସଂଖ୍ୟା ସ୍ଥିର ରହିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିସନର-କମ-ସଚିବ ଅଶ୍ୱଥି ଏସ. ଗଣମାଧ୍ୟମକୁ ସମ୍ବୋଧିତ କରି ଜନସାଧାରଣଙ୍କୁ ଆଶ୍ୱସ୍ତ କରିଥିଲେ ଯେ, ଚିନ୍ତାର କୌଣସି କାରଣ ନାହିଁ। ବର୍ତ୍ତମାନ, ଆମର କୌଣସି ଆନୁଷ୍ଠାନିକ



ପରାମର୍ଶଦାତା ନାହିଁ, କିନ୍ତୁ ଆମେ ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ। ଉପଲବ୍ଧ ତଥ୍ୟ ସୂଚାଇ ଦେଉଛି ଯେ, ପ୍ରଚଳିତ ଷ୍ଟ୍ରେନ୍ ହାଲୁକା, କମ୍ ତୀବ୍ରତା ଯୁକ୍ତ। ଚିନ୍ତାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ପରାମର୍ଶ ଜାରି କରାଯାଇ ନାହିଁ। ଆମେ ପରିସ୍ଥିତି ଉପରେ କଡ଼ା ନଜର ରଖୁଛୁ। ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପରେ, ଆମେ ସେହି ଅନୁସାରେ କାର୍ଯ୍ୟକାରୀ କରିବୁ। ପଜିଟିଭ୍ ପରୀକ୍ଷା କରାଯାଇଥିବା ରୋଗୀ ସୁସ୍ଥ ହେଉଛନ୍ତି। ନୂତନ ପ୍ରକାର ସ୍ୱାସ୍ଥ୍ୟ ବିପଦ ବୃଦ୍ଧି କରୁଥିବା ପରି ମନେ ହେଉନାହିଁ ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ପରିଚାଳନାରେ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରି କମିସନର ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନର ପରିସ୍ଥିତିରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଏହା ଏକ ପୃଥକ ମାମଲା। କୌଣସି କ୍ଲଷ୍ଟର ପ୍ରାଦୁର୍ଭାବ କିମ୍ବା ବୃଦ୍ଧି ପାଉଥିବା ସଂକ୍ରମଣର ସୂଚନା ନାହିଁ।

# ଲିଙ୍ଗରାଜ ମନ୍ଦିର ସୁରକ୍ଷାରେ ତ୍ରୁଟି, ପ୍ରବେଶ କଲେ ଅଣହିନ୍ଦୁ



ଭୁବନେଶ୍ୱର (ଭିଓଭି): ପୁଣି ଥରେ ଓଡ଼ିଶାର ମନ୍ଦିରରେ ଅଣହିନ୍ଦୁଙ୍କ ପ୍ରବେଶ ନେଇ ଖବର ଆସିଛି। ଏଥର ପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଜଣେ ଅଣହିନ୍ଦୁ ପ୍ରବେଶ କରିଛନ୍ତି। ସଂପୃକ୍ତ ବ୍ୟକ୍ତି ରୋମାନର ନାଗରିକ ବୋଲି ଜଣାପଡ଼ିଛି। ସେ ହେଲେ ଆଣ୍ଡ୍ରି ଖ୍ରୀଷ୍ଟିଆନ ଏହି ଅଘଟଣ ଭକ୍ତଙ୍କୁ ଆଘାତ ଦେଇଛି। ସୂଚନା ଅନୁସାରେ ଲିଙ୍ଗରାଜ ମନ୍ଦିର ଭିତରେ ଜଣେ ବିଦେଶୀ ନାଗରିକ ତଥା ଅଣହିନ୍ଦୁ ବୁଲୁଥିବା ସମୟରେ ତାଙ୍କର ଗତିବିଧିକୁ ସନ୍ଦେହ କରି କିଛି ସେବାୟତ ଓ ଲିଙ୍ଗରାଜ ମନ୍ଦିର ପୁଲିସ ପଚରାଉଚରା କରିଥିଲେ। ବ୍ୟକ୍ତି ଜଣକ ରୋମାନର ନାଗରିକ ଏବଂ ତାଙ୍କ ନା ଆଣ୍ଡ୍ରି ଖ୍ରୀଷ୍ଟିଆନ ବୋଲି ଜଣାପଡ଼ିଥିଲା। ପ୍ରଭୁ ଲିଙ୍ଗରାଜ ମନ୍ଦିରକୁ ବିଦେଶୀ ନାଗରିକ ତଥା ଅଣହିନ୍ଦୁ ପ୍ରବେଶ କରିଛନ୍ତି। ମନ୍ଦିର ଭିତରେ ବୁଲାବୁଲି କରୁଥିବା ବେଳେ ଏହି ଦୃଶ୍ୟ ଭକ୍ତଙ୍କ ନଜରକୁ ଆସିଛି। ସେ ଯେତେବେଳେ ମନ୍ଦିରକୁ ପ୍ରବେଶ କରିଥିଲେ, ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନେ କେମିତି ଜାଣିପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାପରେ ଆଣ୍ଡ୍ରିଙ୍କୁ ମନ୍ଦିର ପରିସରରେ ଥିବା ଏକ ମନ୍ଦିର କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଇଥିଲା। ଅଣହିନ୍ଦୁ ମନ୍ଦିର ଭିତରକୁ ପ୍ରବେଶ କରିବାରୁ ମନ୍ଦିରର ଶୁଦ୍ଧିକରଣ କରାଯାଇଥିଲା। ନୀତି ବିଭ୍ରାଟ ହେବାରୁ ଲିଙ୍ଗରାଜ ମନ୍ଦିରରେ ବଡ଼ ଧୋକାଳ ନୀତି ହୋଇଥିଲା। ମନ୍ଦିର ପରିସର ଓ ସିଂହଦ୍ୱାରରେ ଚୂନପାଣି ପକାଯାଇଥିଲା। ଏହାପରେ ଅଭଡାକୁ ଅମୁଣିଆ କୂଅରେ ବିସର୍ଜନ କରାଯାଇଥିଲା। ପ୍ରଭୁ ଲିଙ୍ଗରାଜକୁ ସ୍ନାନ କରାଯିବା ସହ ପୁଣି ଥରେ ବେଶ କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟରେ ହିନ୍ଦୁମନ୍ଦିର ଭିତରକୁ ଅଣହିନ୍ଦୁ ପ୍ରବେଶ କରିବା ନୂଆ ଘଟଣା ନୁହେଁ। ପୂର୍ବରୁ ମଧ ଅନେକ ଥର ଏଭଳି ହୋଇଥିବା ନଜିର ରହିଛି। ଗତବର୍ଷ ଶ୍ରୀମନ୍ଦିରରେ ଅଣହିନ୍ଦୁ ପ୍ରବେଶ କରିଥିଲେ। ବାଂଲାଦେଶରୁ ଆସିଥିବା ଅଣହିନ୍ଦୁ ଗୋଷ୍ଠୀର କିଛି ଲୋକ ମନ୍ଦିର ଭିତରେ ପ୍ରବେଶ କରିଥିଲେ।

# ତାଳଚେରରେ କେନ୍ଦ୍ରୀୟ ବିଦ୍ୟାଳୟ ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସ୍ ପାଇଁ ଭୂମିପୂଜନ କଲେ ଧର୍ମେନ୍ଦ୍ର ପ୍ରଧାନ




ତାଳଚେର (ଭିଓଭି): ଓଡ଼ିଶାର ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ତଥା ବର୍ତ୍ତମାନର ଅନୁଗୋଳ ଜିଲ୍ଲାର ତାଳଚେର ଗୋଟିଏ ବିଭବଶାଳୀ ଅଞ୍ଚଳ । ବିଗତ ବ୍ରିଟିଶ ସମୟରୁ ଆମ ତାଳଚେର ସମୃଦ୍ଧ ଏବଂ ସମ୍ପନ୍ନ ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳରେ ସ୍କୁଲ ଶିକ୍ଷା ଭିତ୍ତିଭୂମିକୁ ମଜଭୂତ୍ କରି ସାମଗ୍ରିକ ଶିକ୍ଷାର ବାତାବରଣ ବଢାଇବା ପାଇଁ ମିଳିମିଶି ଉଦ୍ୟମ କରିବା ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ, ତାଳଚେର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ମହୁଲପାଳ ଠାରେ ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶା ସରକାରଙ୍କ ୨. ୭୬ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେ କହିଛନ୍ତି ଯେ ତାଳଚେର ହେଉଛି ରତ୍ନଗର୍ଭା ଅଞ୍ଚଳ, ଯେଉଁ ଅଞ୍ଚଳରେ କେବଳ ଖଣି କିମ୍ବା କୋଇଲା ଅଧିକ ପରିମାଣରେ ଗଚ୍ଛିତ ହୋଇ ରହି ନାହିଁ ବରଂ ଶିକ୍ଷା ଏଠାକାର ମୂଳ ପୁଞ୍ଜି ହୋଇଛି । ଛାତ୍ରଛାତ୍ରୀଙ୍କ ବୌଦ୍ଧିକ କ୍ଷମତା ଓ ପ୍ରତିଭା ଏହି ଅଞ୍ଚଳରେ ଅଛି । ଶହେ ବର୍ଷ ପୂର୍ବରୁ ତାଳଚେରର ପରିଚୟ ବ୍ରିଟିଶ ପାର୍ଲ୍ୟାମେଣ୍ଟରେ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ମୌଳିକ ସମସ୍ୟା ନେଇ ଆମର ପୂର୍ବପୁରୁଷମାନେ ସେତେବେଳର ବ୍ରିଟିଶ ସରକାର ବିରୋଧରେ ବଡ ଜନଜାଗରଣ କରିଥିଲେ । ବ୍ରିଟିଶ ପାର୍ଲ୍ୟାମେଣ୍ଟରେ ତାଳଚେରର ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏହି ସମସ୍ତ ଶିକ୍ଷାନୁଷ୍ଠାନ ତାଳଚେରରେ ସ୍କୁଲ ଭିତ୍ତିଭୂମିକୁ ସୁଦୃଢ କରିବା ସହ ତାଳଚେରକୁ ଶିକ୍ଷା କ୍ଷେତ୍ରରେ ନୂଆ ପରିଚୟ ପ୍ରଦାନ କରୁଛି । ତାଳଚେରର କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଏବଂ ସ୍ମାର୍ଟ ଶିକ୍ଷା ପ୍ରଦାନ କରିବା ସହ ଦେଶ ଦୁନିଆ ବିଷୟରେ ଜାଣିବା ପାଇଁ ଆଗ୍ରହୀ କରାଇବ। ଏହି ଅଞ୍ଚଳରେ ଶିକ୍ଷାର ବାତାବରଣକୁ ବଢାଇବା ପାଇଁ ଅଧିକ ଯୋଜନା କରିବା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆମ ଡବଲ ଇଞ୍ଜିନ ସରକାରରେ ଆସନ୍ତା ୫ ବର୍ଷ ମଧ୍ୟରେ ପିଲାଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ବଢାଇବା ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକରେ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ହୋଇଛି । ସେହିପରି ରାଜ୍ୟରେ ୬୭୯୪ ଗ୍ରାମ ପଞ୍ଚାୟତରେ ଗୋଟିଏ ଗୋଟିଏ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରିବା ପାଇଁ ଡବଲ ଇଞ୍ଜିନ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପରଜଙ୍ଗ ବିଧାୟକ ବିଭୁତି ପ୍ରଧାନ, ଅନୁଗୁଳ ଜିଲ୍ଲାପାଳ ମହମ୍ମଦ ଅବଦଲ ଆଖତର ପ୍ରମୁଖ ଉପସ୍ଥିତ ଥିଲେ।

## ସରିଛି ଟେଣ୍ଡର, କାମ ଆରମ୍ଭ ହେଉନାହିଁ

# ବିପଦସଙ୍କୁଳ ଘରେ ଚାଲିଛି ତୁଳସୀପୁର ସେବା ସମବାୟ ସମିତି

ଚାରିଛକ,(ଭିଓଭି): ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଂଚାୟତ ତୁଳସୀପୁର ଠାରେ ଥିବା ୬୦ ବର୍ଷ ତଳର ସେବା ସମବାୟ ସମିତିଟି ଦୀର୍ଘ ଦିନ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଚାଷୀଙ୍କ ହିତ ପାଇଁ ହୋଇଥିବା ଏହି ସମିତି ଯୋଗୁଁ ଚାଷୀ ଲାଭ ପରିବର୍ତ୍ତେ ନାନା ପ୍ରକାର ହୀନସ୍ତା ଭୋଗ କରୁଥିବା ନେଇ ଅଭିଯୋଗ ହେଉଛି । ତୁଳସୀପୁର ସେବା ସମବାୟ ସମିତି ଉପରେ ଉକ୍ତ ପଂଚାୟତର ଚାଷୀମାନେ ନିର୍ଭର କରିଥାନ୍ତି । ଏହି ପୁରାତନ ଗୃହଟି ୧୯୬୫ ମସିହାରେ ସ୍ଥାପିତ ହୋଇଥିବା ସେବା ସମବାୟ ସମିତି ଗୃହର କାନ୍ଥରେ ବଡ ବଡ



ଫାଟ ସୃଷ୍ଟି ହେବା ସହିତ ଆଜବେଷ୍ଟସ, କବାଟ ଓ ଝରକା ସବୁ ଭାଙ୍ଗିରୁଜି ଗଲାଣି । ଭଙ୍ଗା ଘର କାନ୍ଥରେ ଅନାବନା ଗଛ ଉଠି ଆଜବେଷ୍ଟସ ଓ ଏହାର ଚାରିପାଖରେ ଜଙ୍ଗଲ ଭଳି ଭଳି ଦିଶୁଛି । ଏହି ସେବା ସମବାୟ ସମିତିକି ଆସୁଥିବା ଚାଷୀ ଓ କର୍ମଚାରୀ ମାନେ ବିପଦ ପୂର୍ଣ୍ଣ ଗୃହରେ ବସି କାର୍ଯ୍ୟ କରୁଛନ୍ତି । କୃଷି ଓ କୃଷକର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ତେବେ ଏହି ଯୋଜନାର ସୁଫଳ ଚାଷୀ ସଠିକ ଭାବେ ପାଇବାରୁ ବଂଚିତ ହେଉଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଆସୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ସମିତିରେ ସ୍ଥାୟୀ ସଂପାଦକ ଅଢେଇ ବର୍ଷ ହେବ ନାହାନ୍ତି । ଜଣେ ଅସ୍ଥାୟୀ ସଂପାଦକ ରହି କାର୍ଯ୍ୟ ତୁଲାଇ ଆସୁଛନ୍ତି । ସରକାରଙ୍କ ଆସୁଥିବା ବିଭିନ୍ନ ଯୋଜନାର ଲାଭ ଉକ୍ତ ସେବା ସମବାୟ ସମିତି ଅଧିନରେ ଥିବା ଚାଷୀମାନେ ସଠିକ ସମୟରେ ଜାଣି ପାରୁନଥିବା ନେଇ ଅଭିଯୋଗ ହେଉଛି । ଚାଷୀ ରବି ଧାନ ଫସଲ କରିଥିବା ବେଳେ ରବି ଧାନ କ୍ରୟ ପାଇଁ ଉକ୍ତ ସମିତି ପକ୍ଷରୁ ଆଗୁଆ ସୂଚନା କି କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସମିତିର ନୂତନ ଘର ନିର୍ମାଣ ପାଇଁ ଗତ ୪ ମାସ ହେବ ଟେଣ୍ଡର କାର୍ଯ୍ୟ ସରିଥିଲେ ମଧ କାର୍ଯ୍ୟ ଆରମ୍ଭ ହେଉନଥିବା ଜଣାପଡିଛି । ଏସଂପର୍କରେ ଦାୟିତ୍ୱରେ ଥିବା ସଂପାଦକ ସୁବାଷ ଚନ୍ଦ୍ର ଖଟୋଇଙ୍କୁ ପଚାରିବାରେ ସେ କୁହନ୍ତି ଘର ପାଇଁ ଅନୁଦାନ ରାଶି ଆସିଛି ,ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ । ତୁରନ୍ତ ତୁଳସୀପୁର ସେବା ସମବାୟ ସମିତିର ନୂତନ ଗୃହ ଓ ସ୍ଥାୟୀ ସଂପାଦକ ନିଯୁକ୍ତି କରିବା ପାଇଁ ପୁର୍ବତନ ସରପଂଚ ଭଗବାନ ମିଶ୍ର,ସରପଂଚ ମଂଜୁଶ୍ରୀ ଭୋଇ,ଚାଷୀ ବିଶ୍ୱନାଥ ତ୍ରିପାଠୀ,ବିଭୂତୀ ଭୂଷଣ ଦାଶ,ବନ ବିହାରୀ ଦାଶ,ମାନସ କୁମାର ସାହୁ, ପ୍ରକାଶ ସାହୁ, ଅରକ୍ଷୀତ ଭୋଇ ପ୍ରମୁଖ ଦାବୀ କରିଛନ୍ତି ।

# ଭାରିଯାନ ଗଲେ ହଲୁଛି ନୂଆଗାଁ ପୋଲ



ରାଇରଙ୍ଗପୁର,(ଭିଓଭି): ମୟୂରଭଞ୍ଜ ଜିଲ୍ଲାର ବିଜାତଲା ବ୍ଲକର ମାଣିକପୁର ପଂଚାୟତର ବିପଦସଙ୍କୁଳ ଅବସ୍ଥାରେ ନୂଆଗାଁ ପୋଲ । ପୋଲ ବହୁତ ପୁରୁଣା ହୋଇଥିବାବେଳେ ମରାମତି କରାଯାଉ ନ ଥିବାରୁ ଏହା ବିପଦସଙ୍କୁଳ ହୋଇପଡ଼ିଛି । ପୋଲ ଦେଇ କୌଣସି ଭାରିଯାନ ଗଲେ ଏହା ଜୋରରେ ହଲୁଥିବାରୁ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଥିବା ବୁଦ୍ଧିଜୀବୀ କହିଛନ୍ତି । ତେବେ ପୋଲ ର ଅବସ୍ଥା ଶୋଚନୀୟ ଥିଲେ ମଧ ପ୍ରତିଦିନ ଶତାଧିକ ଭାରିଯାନ ଏହି ପୋଲ ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି । ଉକ୍ତ ରାସ୍ତାରେ ପ୍ରତିଦିନ ନେତା, ସରକାରୀ ବାବୁ ମାନେ ଯିବା ଆସିବା କରୁଥିଲେ ମଧ ପୋଲ ର ଅବସ୍ଥା ଉପରେ କାହାର ନଜର ପଡୁ ନାହିଁ କ୍ଷରାମଦୋଳି ଯୁବକ ସଂଘ ର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା, ସଦସ୍ୟ ବୁଧୁରାମ ମୁଣ୍ଡା, ଭୁବନ ମୁଣ୍ଡା, କରିଆ ମୁର୍ମୁ ଏବଂ ଛୋଟରାଇ ମୁର୍ମୁ ଏହି ପୋଲ ବିଷୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେବେ ବୋଲି ସୂଚନା ଦେଇଛନ୍ତି ।

# ସରକାରୀ ଚାକିରୀ ଦର୍ଶାଇ ଦିନ ମଜୁରିଆଙ୍କ ରାସନ୍ କାର୍ଡ କାଟିଦେଲେ ସରକାର : ନୀରବଦ୍ରଷ୍ଟା ହାଟଡିହି ବିଡ଼ିଓ

ଆନନ୍ଦପୁର (ଭିଓଭି): ହାଟଡିହି ବ୍ଲକ ଢେଙ୍କାଗ୍ରାମ ପଞ୍ଚାୟତ ତେନ୍ତୁଳିପଦୀ ଅସନଗଢିଆ ଗ୍ରାମର କଲ୍ୟାଣୀ ରାଉତ ସ୍ୱାମୀ ଗୌରାଙ୍ଗ ରାଉତ । ପରିବାର ରେ ପାଞ୍ଚଜଣ କୁଟୁମ୍ବ ଧରି ଗୌରାଙ୍ଗ ରାଉତ ଦିନ ମଜୁରୀ ରେ ପରିବାର ପ୍ରତିପୋଷଣ କରିଥାନ୍ତି । ଗତ ଦୁଇ ମାସ ହେବ ରେସନ କାର୍ଡନମ୍ବର ୧୮୦୭୮୦୧୨୦୮୨ ଅନଲାଇନ ରେ ସରକାରୀ ଚାକିରୀ ରେ ସୋ କରିଥିବାରୁ ରେସନ କାର୍ଡଟି କଟିଯାଇଛି । ଏ ନେଇଗୌରାଙ୍ଗ ରାଉତ ବ୍ଲକରେପହଂଚି ମୋ ପରିବାର ରେ କୌଣସି ସରକାରୀ ଚାକିରୀ ନାହିଁ ଦରଖାସ୍ତ ବିଡ଼ିଓ ଙ୍କୁ ଅବଗତ କରାଯାଇଛି । ହାଟଡିହି ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ରେସନ କାର୍ଡ କଟିବା ସମ୍ବନ୍ଧିୟ ଜଣାଇଲେ ଥିଲେବିସୁଦ୍ଧା ଇନକ୍ୱାରୀ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜି ପର୍ଯ୍ୟନ୍ତ କୌଣସି ଇନ କ୍ୱାରୀ



ହୋଇନାହିଁ ।ରାଜ୍ୟ ସରକାରଙ୍କ ଯାଞ୍ଚରେ ତ୍ରୁଟି ଯୋଗୁଁ ରେସନ କାର୍ଡ ଗରିବ ହିତାଧିକାରୀ ଙ୍କ ଚାକିରୀ ନ ଥାଇ ଚାକିରୀ ବାହାରିବା ଏହା ଏକଅଶୋଭନୀୟ ସ୍ଥିତି ଦେଖିବାପାଇଁ ମିଳୁଛି । ଏହା ସଠିକ ଯାଞ୍ଚ କରାଯାଇ ଗରିବ ହିତାଧିକାରୀଙ୍କୁ ରେସନକାର୍ଡ ଖାଦ୍ୟ ଯୋଗାଣ ନାମଭୁକ୍ତ କରାଯାଉ ।

# ଗୋଟିଏ ନଳକୂପ ଉପରେ ୩୦ପରିବାର ନିର୍ଭର

## ନୂଆ ନଳକୂପ ଖନନ ପାଇଁ ମାଥିଲି ବିଡିଓଙ୍କ ହଁ, ସରପଞ୍ଚଙ୍କ ନା

ମାଲକାନାଗିରି (ଭିଓଭି): ପାଣି ପାଇଁ ଘାଣ୍ଟି ହେଉଛନ୍ତି ଗ୍ରାମବାସୀ । ତୃଷା ମେଣ୍ଟାଉଛି ଏକମାତ୍ର ନଳକୂପା ବର୍ଷବର୍ଷ ଧରି ଗୋଟିଏ ନଳକୂପ ଉପରେ ନିର୍ଭର କରୁଛନ୍ତି ଗ୍ରାମବାସୀ । ଗୋଟିଏ ନଳକୂପରେ ଗୋରୁ ଓ ମଣିଷ ପିଉଛନ୍ତି ପାଣି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏତେ ଟଙ୍କା ଖର୍ଚ୍ଚ ପରେ ମଧ ପାଇପ୍ ଯୋଗେ ପାନୀୟଜଳ ବ୍ୟବସ୍ଥା ହୋଇପାରିଲା ନାହିଁ । ବର୍ତ୍ତମାନ ମେ ମାସ ଚାଲିଛି । ଗ୍ରୀଷ୍ମପ୍ରବାହରୁ ନିସ୍ତାର ନାହିଁ ଓ ତତଲା କେଡ଼େଇରେ ପରିଣତ ହେଲାଣି ଉପାନ୍ତ ମାଲକାନଗିରି ଜିଲ୍ଲା । ତାତି ଛଟପଟ କରୁଥିବା ବେଳେ ଜଳ ସଙ୍କଟ ଲୋକଙ୍କୁ ଘାଣ୍ଟିଲାଣି । ବିଶେଷ କରି ମାଥିଲି ବ୍ଲକର କୁଟୁଣିପାଲ୍ଲୀ ପଞ୍ଚାୟତ ନିକଟରେ ଥିବା କଲୋନୀ ସାହିରେ ଗ୍ରାମବାସୀ କହିବାନୁଯାୟୀ ଗାଁରେ ୩୦ରୁ ୩୦ ପରିବାର ବସବାସ କରନ୍ତି ।



ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ହେବ ତଥାପି ଗ୍ରାମକୁ ଆଜି ପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇ ପାରିଲା ନାହିଁ ଓ ସରକାରଙ୍କ ପକ୍ଷରୁ ଏକମାତ୍ର ନଳକୂପ ବସାଯାଇ କାର୍ଯ୍ୟ ସାରି ଦେଇଛନ୍ତି । ଯାହା ଗ୍ରାମବାସୀଙ୍କୁ ସମୁଦ୍ରକୁ ଶଙ୍ଖ ପରି ସଦୃଶ୍ୟ । ଗାଁରେ ଏକମାତ୍ର ନଳକୂପରେ ଗାଁର ଯେଉଁଠି ମଣିଷ ସେଇଠି ଗୋରୁ ତୃଷ୍ଣା ମେଣ୍ଟାଉଛନ୍ତି । ଗୋଟିଏ ନଳକୂପରେ ପାନୀୟ ଜଳ ପର୍ଯ୍ୟାପ୍ତ ନହେବାରୁ ଗାଁରୁ ୧୦୦ ମିଟର ଦୂରରେ ଥିବା ଉଚ୍ଚ ବିଦ୍ୟାଳୟ ପରିସର ଥିବା ନଳକୂପରୁ ପାଣି ଆଣି ତୃଷ୍ଣା ମେଣ୍ଟାଉ ଥିବା ମହିଳା ମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ବିଦ୍ୟାଳୟରେ ଗ୍ରୀଷ୍ମ ଛୁଟି ଥିବାରୁ ଜେନତେନ ପ୍ରକାରେ ଚଳି ଯାଉଛନ୍ତି । କିନ୍ତୁ ବିଦ୍ୟାଳୟ ଖୋଲିଲେ ଆଉ ପାନୀୟଜଳ ଆଣିବା ବନ୍ଦ ହୋଇଯାଏ ବୋଲି ଗ୍ରାମବାସୀ କହିଛନ୍ତି । ତାହା ସହିତ ଗାଁରେ ଚୁଆ, ଝରଣା ଓ ପୋଖରୀ ଥିଲେ ମଧ ଗ୍ରାମବାସୀ ମାନେ ଏକମାତ୍ର ନଳକୂପରେ ଚଳି ଯାଇଥାନ୍ତେ । କିନ୍ତୁ ତାହା ମଧ ନାହିଁ । କଲୋନୀ ସାହିର ଜଳସଙ୍କଟ ନେଇ ଆମେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସହିତ ଆଲୋଚନା କରିବା ପରେ ଶ୍ରୀ ବେହେରା ତୁରନ୍ତ ସେହି ଗ୍ରାମରେ ଆଉ ଗୋଟିଏ ନଳକୂପ ଖନନ କରିବା ପାଇଁ ପ୍ରସ୍ତାବ ରଖିଲେ । କିନ୍ତୁ କିଛି ସମୟ ପରେ କୁଟୁଣୀପାଲ୍ଲୀ ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ନାୟକଙ୍କୁ ବ୍ଲକ ସିପି ଶ୍ରୀ ଦାସ ଏହି ବିଷୟରେ ଜଣାଇବା ପରେ ସେହି ଗ୍ରାମରେ ମାତ୍ର ୧୫ଟି ପରିବାର ଥିବାରୁ ଆଉ ନଳକୂପ କରିବା ଆବଶ୍ୟକ ନାହିଁ ବୋଲି କୁହାଯାଇଥିଲା । ଆମେ ବିଡ଼ିଓଙ୍କ ସହିତ ଆଲୋଚନା କରି ବାହାରିବା ପରେ ଶ୍ରୀ ଦାସ ଆମକୁ କହିଥିଲେ ଯେ ଚନ୍ଦ୍ର କହୁଛନ୍ତି ଯେ, ସେହି ଗାଁରେ ମାତ୍ର ୧୫ ପରିବାର ରହୁଛନ୍ତି । ଆଉ ନଳକୂପ ଆବଶ୍ୟକ ନାହିଁ । ଏ ନେଇ ଚନ୍ଦ୍ର ଶେଖରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରେ ସେ ଫୋନ୍ ଉଠାଇ ନ ଥିଲେ । ଏଠି ପ୍ରଶ୍ନ ଉଠୁଛି ପ୍ରଶାସନ ପକ୍ଷରୁ ସେହି ଗ୍ରାମରେ ନୂତନ ନଳକୂପ ମଞ୍ଜୁର କରିବା ପାଇଁ ରାଜି ଥିବା ବେଳେ ସରପଞ୍ଚ ପ୍ରତିନିଧି ବାରଣ କାହିଁକି କରୁଛନ୍ତି ତାହାର ତଦନ୍ତ କରି ଅସଲ ତଥ୍ୟକୁ ସାମ୍ନାକୁ ଆସୁଛି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି ।

# Planet on Fire: Can We Turn Down the Heat?



Nihar Ranjan Acharya

In the vast expanse of the cosmos, Earth is a rare gem — a planet teeming with life, vibrant ecosystems, and unimaginable beauty. Yet today, this gem is glowing for all the wrong reasons. Rising global temperatures, melting ice caps, raging wildfires, and dying coral reefs scream one chilling message: **Our planet is on fire**. The question is — can we turn down the heat before it's too late?

**A Warming World**

The Earth's average surface temperature has risen by about 1.1°C since the late 19th century, with much of this increase occurring in recent decades. This seemingly small number translates into massive disruptions — more intense heatwaves, rising sea levels, prolonged droughts, and extreme rainfall. These climatic shifts are not distant events anymore. They are here. They are now.

Cities like Delhi, Phoenix, and Baghdad are recording record-breaking temperatures. The Arctic is melting at unprecedented rates. Even the Amazon rainforest, often referred to as the "lungs of the planet," is gasping for air due to deforestation and rising heat. Nature's alarm bells are ringing loud and clear.

**The Human Fingerprint**

Science has firmly established that human activities — especially the burning of fossil fuels, deforestation, and industrial-scale agriculture — are driving this unprecedented change. Our thirst for comfort and convenience has come at a cost: a climate spiraling out of control.



Carbon dioxide, methane, and nitrous oxide — the primary greenhouse gases — are trapping heat in the atmosphere like a thick blanket. The result? A relentless rise in global temperatures. But beyond the science lies a deeper truth — our disconnect with nature has led us here.

**Climate Inequality**

Ironically, those who have contributed the least to climate change — indigenous communities, small island nations, and the global poor — are suffering the most. Floods in Bangladesh, famine in the Horn of Africa, and disappearing islands in the Pacific all reveal the stark injustice of the climate crisis. It's a crisis of equity, of responsibility, and of action.

**Can We Still Turn Down the Heat?**

Yes, we can. But time is short, and action must be bold.

**1. Embrace Clean Energy:**

Transitioning to renewable sources like solar, wind, and hydropower is not just smart economics — it's essential survival. Nations must stop subsidizing fossil fuels and invest in a green energy future.

**2. Rethink Consumption:**

From fast fashion to food waste, our consumption habits are hurting the planet. Choosing local, reducing plastic use, conserving energy, and eating sustainably are small acts with big impacts.

**3. Rewild and Reforest:**

Trees are nature's air conditioners. Protecting existing forests and planting new ones can sequester carbon, restore biodiversity, and cool our cities.

**4. Educate and Inspire:**

The power of informed youth and communities is unmatched. Schools, media, and local leaders must prioritize environmental education and stewardship.

**5. Act with Science, Lead with Compassion:**

Science offers us the tools — from climate models to clean tech. But we must also act with empathy, keeping in mind those most vulnerable.

**A Choice Before Us**

We are the first generation to fully understand the impact of climate change — and perhaps the last with a chance to reverse it. The fire is real, but so is hope. Every degree we prevent, every tree we plant, every policy we push — it matters.

The climate crisis is not just an environmental issue; it's a moral, economic, and social challenge. It's also a chance — to rebuild better, fairer, and greener.

Let history remember us not as the generation that watched the Earth burn, but as the one that turned down the heat and rekindled the bond with our planet.

The time to act is now. Because the Earth is not just our home — it's our only home.“

*Founder and Working Director, Trust*
*Ph. 8249775817*
*Email: niharacharya1973@gmail.com*



# କେନ୍ଦ୍ର ସରକାରଙ୍କ ସୁପ୍ରିମକୋର୍ଟରେ ଯୁକ୍ତି : ୱକଫ୍ ଇସଲାମର ଅପରିହାର୍ଯ୍ୟ ଅଙ୍ଗ ନୁହେଁ

ନୂଆଦିଲ୍ଲୀ (ଭିଓଭି): ପାରମ୍ପରିକ ଭାବରେ ଏକ ଇସଲାମିକ ଧାରଣା ୱକଫ୍ ମୁଖ୍ୟତଃ ଏକ ପ୍ରକାର ଦାନ ଏବଂ ଇସଲାମର ଏକ ଅପରିହାର୍ଯ୍ୟ ଅଙ୍ଗ ନୁହେଁ ବୋଲି କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ଯୁକ୍ତି ବାଢ଼ିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ୱକଫ୍ ଏକ ଇସଲାମିକ ଧାରଣା। କିନ୍ତୁ ଏହା ଇସଲାମର ଏକ ଅତ୍ୟାବଶ୍ୟକ ଅଙ୍ଗ କଦାପି ନୁହେଁ। ଇସଲାମ ଧର୍ମରେ ୱକଫ୍ କେବଳ ଦାନ ବ୍ୟତୀତ ଆଉ କିଛି ନୁହେଁ। ଦାନ ପ୍ରତ୍ୟେକ ଧର୍ମର ଅଂଶ ଏବଂ ଖ୍ରୀଷ୍ଟିଆନ ଧର୍ମ ପାଇଁ ମଧ୍ୟ ହୋଇପାରେ। ହିନ୍ଦୁମାନଙ୍କର ବି ଦାନ ବ୍ୟବସ୍ଥା ରହିଛି। ଶିଖ୍‌ମାନଙ୍କର ମଧ୍ୟ ଏହା ଅଛି।

ସରକାରଙ୍କ ପକ୍ଷରୁ ମେହେଟ୍ଟା କହିଛନ୍ତି ଯେ ୱକଫ୍ ବୋର୍ଡଗୁଡ଼ିକ ଧର୍ମନିରପେକ୍ଷ ଭାବେ କାର୍ଯ୍ୟ କରନ୍ତି, ଯାହା ସେମାନଙ୍କୁ ସମ୍ପୂର୍ଣ୍ଣ ଧାର୍ମିକ ମନ୍ଦିର ପ୍ରଶାସନଠାରୁ ଅଲଗା କରିଥାଏ। ଆଇନଗତ ବିତର୍କର ମୂଳରେ ରହିଛି 'ୱକଫ୍-ବାଇ-ୟୁଜର' ନୀତି, ଯାହାକୁ ସଦ୍ୟତମ ଆଇନଗତ ସଂଶୋଧନରେ ଉଚ୍ଛେଦ କରାଯାଇଛି। ଏହି ନୀତି ପୂର୍ବରୁ ଧାର୍ମିକ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଦୀର୍ଘକାଳୀନ ବ୍ୟବହୃତ ସମ୍ପତ୍ତିକୁ ଆନୁଷ୍ଠାନିକ ଦସ୍ତାବିଜ ବିନା ୱକଫ୍ ଭାବରେ ବିବେଚନା କରିବାକୁ ଅନୁମତି ଦେଉଥିଲା। ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ବ୍ୟବହାରକାରୀଙ୍କ ଦ୍ୱାରା ୱକଫ୍‌କୁ ତିନୋଟି ବ୍ୟତିକ୍ରମ ବ୍ୟତୀତ ଅନୁମତି ଦିଆଯାଉ ନାହିଁ – ଏହା ପଞ୍ଜୀକୃତ



ହେବା ଉଚିତ, ବ୍ୟକ୍ତିଗତ ସମ୍ପତ୍ତି ହୋଇଥିବ ଓ ସରକାରୀ ସମ୍ପତ୍ତି ହୋଇ ନ ଥିବ। ମେହେଟ୍ଟାଙ୍କ କହିବା ଅନୁଯାୟୀ, ଏହି ସଂଶୋଧନ ୧୯୨୩ ମସିହାରୁ ଥିବା ସମସ୍ୟାର ସମାଧାନ କରିଛି। ଏହି ସଂଶୋଧନ ପୂର୍ବରୁ ଅଂଶୀଦାରଙ୍କଠାରୁ ଯଥେଷ୍ଟ ମତାମତ ନିଆଯାଇଥିଲା, ଯେଉଁଥିରେ ୯୬ ଲକ୍ଷ ପ୍ରତିନିଧି ଓ ଯୁଗ୍ମ ସଂସଦୀୟ କମିଟିର ୩୬ଟି ବୈଠକରେ ବ୍ୟାପକ ବିଚାରବିମର୍ଶ ଅନ୍ତର୍ଭୁକ୍ତ। ୱକଫ୍ ଆଇନ ସମ୍ପର୍କିତ ତିନୋଟି ପ୍ରସଙ୍ଗ: 'ୱକଫ୍-ବାଇ-ୟୁଜର' ନୀତି, ୱକଫ୍ ବୋର୍ଡରେ ଅଣ-ମୁସଲମାନଙ୍କୁ ମନୋନୀତ କରିବା ଏବଂ ୱକଫ୍ ଅଧୀନରେ ଥିବା ସରକାରୀ ଜମି ଚିହ୍ନଟ କରିବା ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶୁଣାଣି କେନ୍ଦ୍ରୀଭୂତ କରିବାକୁ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

ସରକାରୀ ଜମି ଉପରେ କେହି ଅଧିକାର ଦାବି କରିପାରିବେ ନାହିଁ ଏବଂ 'ୱକଫ୍ ବାଇ ୟୁଜର' ନୀତି ଦ୍ୱାରା ଅକ୍ତିଆର ସମ୍ପତ୍ତି ପୁନରୁଦ୍ଧାର କରିବାର ଆଇନଗତ ଅଧିକାର ସରକାରଙ୍କର ରହିଛି ବୋଲି କେନ୍ଦ୍ର ସରକାର ବୁଧବାର ସୁପ୍ରିମ୍‌କୋର୍ଟଙ୍କୁ କହିଛନ୍ତି। ୱାକଫ୍ ବାଇ ୟୁଜର ଏକ ଧାରଣାକୁ ବୁଝାଏ ଯେଉଁଠାରେ କୌଣସି ସମ୍ପତ୍ତିକୁ ଆନୁଷ୍ଠାନିକ ଦସ୍ତାବିଜ ବିନା ଧାର୍ମିକ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଏହାର ଦୀର୍ଘକାଳୀନ ବ୍ୟବହାର ଆଧାରରେ ୱକଫ୍ ଭାବରେ ସ୍ୱୀକୃତି ଦିଆଯାଏ। ୱକଫ୍ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରୁଥିବା ଦାବି ଉପରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଜଷ୍ଟିସ୍ ବିଆର୍ ଗଓ୍ୱାଇ ଓ ଜଷ୍ଟିସ୍ ଅଗଷ୍ଟିନ ଜର୍ଜ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରୀ ଜମି ଉପରେ କାହାର ଅଧିକାର ନାହିଁ ବୋଲି ଦର୍ଶାଇ ସେ କହିଥିଲେ ଯେ, ସୁପ୍ରିମ୍‌କୋର୍ଟଙ୍କ ଏକ ରାୟରେ କୁହାଯାଇଛି ଯେ ଯଦି ସମ୍ପତ୍ତି ସରକାରଙ୍କ ଅଧୀନରେ ଥାଏ ଏବଂ ଏହାକୁ ୱକଫ୍ ଘୋଷଣା କରାଯାଇଥାଏ ତେବେ ସରକାର ଏହାକୁ ପୁଣି ନିଜ ଅଧୀନକୁ ନେଇପାରିବେ। ପ୍ରାରମ୍ଭରେ ଆଇନ ଅଧିକାରୀ କହିଥିଲେ ଯେ, କୌଣସି ପ୍ରଭାବିତ ପକ୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି। ଏହି ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ସେ ଯୁଗ୍ମ ସଂସଦୀୟ କମିଟିର ରିପୋର୍ଟକୁ ବିଚାରକୁ ନିଆଯାଇଥିଲା ଏବଂ ଅନେକ ରାଜ୍ୟ ସରକାର ତଥା ରାଜ୍ୟ ୱକଫ୍ ବୋର୍ଡ ସହ ପରାମର୍ଶ କରାଯାଇଥିଲା। କେନ୍ଦ୍ର ସରକାର କହିଛନ୍ତି ଯେ ୱକଫ୍ ଏହାର ପ୍ରକୃତି ଅନୁଯାୟୀ ଏକ ଧର୍ମନିରପେକ୍ଷ ଧାରଣା ଏବଂ ଏହାକୁ ସ୍ଥଗିତ ରଖାଯାଇପାରିବ ନାହିଁ। କୋର୍ଟ ପୂର୍ବରୁ ଉଠାଇଥିବା ପ୍ରସଙ୍ଗଗୁଡ଼ିକର ସମାଧାନ କରି ସେ କହିଥିଲେ ଯେ ଏହି ଆଇନ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସହିତ କେବଳ ୱକଫ୍ ପ୍ରଶାସନର ଧର୍ମନିରପେକ୍ଷ ଦିଗକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି। ଏହାକୁ ସ୍ଥଗିତ ରଖିବା ପାଇଁ କୌଣସି ଗମ୍ଭୀର ରାଷ୍ଟ୍ରୀୟ ଜରୁରୀ ପରିସ୍ଥିତି ନାହିଁ ବୋଲି ସେ କହିଛନ୍ତି। ମଙ୍ଗଳବାର ଖଣ୍ଡପୀଠ କହିଥିଲେ, କୌଣସି ଆଇନ ସଂସଦରେ ପାସ୍ ହୋଇ ଗୃହୀତ ହେଲେ ତାହା ସାମ୍ବିଧାନିକ ହୋଇଯାଏ। ତେଣୁ ଅନ୍ତରୀଣ ରିଲିଫ ପାଇଁ, ଆବେଦନକାରୀଙ୍କୁ ଏକ ବହୁତ ଶକ୍ତିଶାଳୀ ଓ ଜ୍ୱଳନ୍ତ ମାମଲା ବାହାର କରିବାକୁ ପଡିବ। ଆବେଦନଗୁଡ଼ିକର ଶୁଣାଣିକୁ ତିନୋଟି ପ୍ରସଙ୍ଗରେ ସୀମିତ ରଖିବାକୁ କେନ୍ଦ୍ର ସରକାର ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଗୋଟିଏ ପ୍ରସଙ୍ଗ ହେଉଛି ଅଦାଲତ ଦ୍ୱାରା ୱକଫ୍ ଘୋଷଣା କରାଯାଇଥିବା ସମ୍ପତ୍ତି, ବ୍ୟବହାରକାରୀଙ୍କ ଦ୍ୱାରା ୱକଫ୍ କିମ୍ବା ଡିଡ୍ ଦ୍ୱାରା ୱକଫ୍‌କୁ 'ଡିନୋଟିଫାଏ' କରିବାର କ୍ଷମତା। ଦ୍ୱିତୀୟ ପ୍ରସଙ୍ଗଟି ରାଜ୍ୟ ୱକଫ୍ ବୋର୍ଡ ଓ ସେଣ୍ଟ୍ରାଲ ୱକଫ୍ କାଉନସିଲ୍ ଗଠନ ସହିତ ଜଡ଼ିତ। ତୃତୀୟ ପ୍ରସଙ୍ଗଟି ହେଉଛି ୱକଫ୍ ସମ୍ପତ୍ତିକୁ ସେତେବେଳେ ୱକଫ୍ ଭାବରେ ବିବେଚନା କରାଯିବ ନାହିଁ, ଯେତେବେଳେ ଜିଲ୍ଲାପାଳ ଏହି ସମ୍ପତ୍ତି ସରକାରୀ ଜମି କି ନୁହେଁ ତାହା ଜାଣିବା ପାଇଁ ତଦନ୍ତ ଆରମ୍ଭ କରନ୍ତି।

# ଇଡିକୁ ସୁପ୍ରିମକୋର୍ଟ ଛାଟ

## ତାମିଲନାଡୁ ମଦ ଦୁର୍ନୀତି ତଦନ୍ତକୁ ଅଟକାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, (ଭିଓଭି): ସୁପ୍ରିମକୋର୍ଟ ତାମିଲନାଡୁର ରାଜ୍ୟ ପରିଚାଳିତ ମଦ ସଂସ୍ଥା ତାମିଲନାଡୁ ଷ୍ଟେଟ ମାର୍କେଟିଂ କର୍ପୋରେସନ (ଟାସମାକ) ସହ ଜଡ଼ିତ ଅଭିଯୁକ୍ତ ମଦ ଦୁର୍ନୀତି ମାମଲାରେ ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ (ଇଡି)ର ତଦନ୍ତ ଓ ଚଢ଼ାଉ ଉପରେ ଅସ୍ଥାୟୀ ରୋକ ଲଗାଇଛନ୍ତି। ପ୍ରଧାନ ବିଚାରପତି ବି.ଆର. ଗଭାଇ ଏବଂ ବିଚାରପତି ଏ.ଜି. ମାସିହଙ୍କ ଖଣ୍ଡପୀଠ ଇଡିକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଏହି ସଂସ୍ଥା "ସମସ୍ତ ସୀମା ଲଙ୍ଘନ କରୁଛି" ଏବଂ ଦେଶର ସମ୍ବିଧାନରେ ଥିବା ଫେଡେରାଲ ଗଠନକୁ ଉଲ୍ଲଂଘନ କରୁଛି। ଏହି ମାମଲା ତାମିଲନାଡୁରେ ଅଭିଯୁକ୍ତ ୧୦୦୦ କୋଟି ଟଙ୍କାର ମଦ ଦୁର୍ନୀତି ସହ ଜଡ଼ିତ। ଇଡି ଅଭିଯୋଗ କରିଛି ଯେ ଡିଷ୍ଟିଲେରୀ କମ୍ପାନୀଗୁଡ଼ିକ ଅନିୟମିତ ଟଙ୍କା ଜମା କରି ଟାସମାକରୁ ଅଧିକ ଯୋଗାଣ ଅର୍ଡର ପାଇବା ପାଇଁ ବ୍ୟବହାର କରିଛନ୍ତି। ଏହା ସହ ଟାସମାକ ଦୋକାନଗୁଡ଼ିକ ଗ୍ରାହକଙ୍କଠାରୁ ବୋତଲ ପିଛା ୧୦ରୁ ୩୦ ଟଙ୍କା ଅଧିକ ମୂଲ୍ୟ ନେଉଥିବା ଅଭିଯୋଗ ହୋଇଛି।



ତେବେ ତାମିଲନାଡୁ ସରକାର ଏବଂ ଟାସମାକ ଏହି ଅଭିଯୋଗକୁ ରାଜନୈତିକ ପ୍ରତିହିଂସା ବୋଲି ଅଭିହିତ କରି ଇଡିର କାର୍ଯ୍ୟକୁ ଅସାମ୍ବିଧାନିକ ବୋଲି ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସିନିୟର ଆଇନଜୀବୀ କପିଲ ସିବଲ କୋର୍ଟରେ କହିଛନ୍ତି ଯେ, ୨୦୧୪ରୁ ୨୦୨୧ ମଧ୍ୟରେ ରାଜ୍ୟର ଭିଜିଲାନ୍ସ ଓ ଆଣ୍ଟି-କରପସନ ନିର୍ଦ୍ଦେଶାଳୟ (ଡିଭିଏସି) ୪୧ଟି ଏଫଆଇଆର ଦାୟର କରିସାରିଛି। ତଥାପି, ଇଡି ୨୦୨୫ରେ ଏହି ମାମଲାରେ ହସ୍ତକ୍ଷେପ କରି ଟାସମାକ ମୁଖ୍ୟାଳୟରେ ଚଢ଼ାଉ କରିଥିଲା।

ସୁପ୍ରିମକୋର୍ଟରେ ମୁଖ୍ୟ ବିଚାରପତି ଗଭାଇ ଇଡିର ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ.ଭି. ରାଜୁଙ୍କୁ ପଚାରିଥିଲେ, "କେମିତି ଏକ କର୍ପୋରେସନ ବିରୁଦ୍ଧରେ ଅପରାଧୀ ମାମଲା ହୋଇପାରେ ଆପଣ ବ୍ୟକ୍ତିଙ୍କ ବିରୁଦ୍ଧରେ ମାମଲା ଦାୟର କରିପାରନ୍ତି, କିନ୍ତୁ ଏକ ସଂସ୍ଥା ବିରୁଦ୍ଧରେ ନୁହେଁ।" କୋର୍ଟ ଇଡିର କାର୍ଯ୍ୟକୁ "ଅନୁପଯୁକ୍ତ" ଏବଂ "ସମ୍ବିଧାନ ବିରୋଧୀ" ବୋଲି ମନ୍ତବ୍ୟ ଦେଇଛନ୍ତି, କାରଣ ଆଇନ ଓ ଶୃଙ୍ଖଳା ରାଜ୍ୟର ଅଧିକାର କ୍ଷେତ୍ର ଅଧୀନରେ ରହିଛି। ତାମିଲନାଡୁ ସରକାର ଏବଂ ଟାସମାକ ମାଡ୍ରାସ ହାଇକୋର୍ଟର ଏପ୍ରିଲ ୨୩, ୨୦୨୫ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ନିକଟରେ ଆବେଦନ କରିଥିଲେ, ଯେଉଁଥିରେ ହାଇକୋର୍ଟ ଇଡିକୁ ତଦନ୍ତ ଜାରି ରଖିବାକୁ ଅନୁମତି ଦେଇଥିଲା। ରାଜ୍ୟ ସରକାର ଅଭିଯୋଗ କରିଛନ୍ତି ଯେ ଇଡି ଅନୁମତି ବିନା ଚଢ଼ାଉ କରିଛି ଏବଂ କର୍ମଚାରୀଙ୍କ ମୋବାଇଲ ଫୋନ କ୍ଲୋନ କରି ଗୋପନୀୟତା ଉଲ୍ଲଂଘନ କରିଛି।

ଡିଏମକେ ନେତୃତ୍ୱାଧୀନ ତାମିଲନାଡୁ ସରକାର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ଇଡି ଭଳି ତଦନ୍ତ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ କରିଛନ୍ତି। ଡିଏମକେର ଜଣେ ବରିଷ୍ଠ ନେତା ଏହି ସୁପ୍ରିମକୋର୍ଟ ଆଦେଶକୁ ସ୍ୱାଗତ କରି କହିଛନ୍ତି ଯେ, ଏହା କେବଳ ତାମିଲନାଡୁ ନୁହେଁ, ବରଂ ସମସ୍ତ ଅଣ-ଭାଜପା ଶାସିତ ରାଜ୍ୟ ପାଇଁ ଆଶ୍ୱାସନା ଦେଇଛି। ଇଡି ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ, ଟାସମାକ ଅଧିକାରୀମାନେ ଲାଞ୍ଚ ନେଇଥିବା, ମଦ ବୋତଲର ମୂଲ୍ୟ ବଢ଼ାଇଥିବା ଏବଂ କର୍ମଚାରୀଙ୍କ ବଦଳି ଓ ପୋଷ୍ଟିଂରେ ଅନିୟମିତତା କରିଥିବା ଅଭିଯୋଗ ଆଧାରରେ ଚଢ଼ାଉ କରାଯାଇଥିଲା। ତେବେ, ସୁପ୍ରିମକୋର୍ଟ ଏହାକୁ "ଅଯଥା ହସ୍ତକ୍ଷେପ" ବୋଲି ବିବେଚନା କରି ତଦନ୍ତ ଅଟକାଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୧ ପରେ ହେବ।

# ପୂଜା ଖେଦକରଙ୍କୁ ଅନ୍ତରୀଣ ଜାମିନ ଦେଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ (ଭିଓଭି): ସୁପ୍ରିମ୍‌କୋର୍ଟ ବହିଷ୍କୃତ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଦକରଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଓବିସି ଏବଂ ଭିନ୍ନକ୍ଷମ କୋଟା ଆଧାରରେ ସେ ସଂରକ୍ଷଣ ସୁବିଧା ପାଇବାପାଇଁ ପ୍ରଶାସନିକ ସେବା ପ୍ରକ୍ରିୟାରେ ବ୍ୟାପକ ଜାଲିଆତି କରିଥିବା ଅଭିଯୋଗ ହୋଇଛି। ଆଜି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠରେ ପୂଜା ଖେଦକରଙ୍କ ଜାମିନ ଆବେଦନର ଶୁଣାଣି ଥିଲା। କୋର୍ଟ ଖେଦକରଙ୍କୁ ଜାମିନ ମଂଜୁର କରିବା ସହ ତାଙ୍କୁ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରିବାକୁ କହିଛନ୍ତି। ଦିଲ୍ଲୀ ପୁଲିସ ପକ୍ଷରୁ ପୂଜାଙ୍କ ଜାମିନକୁ ବିରୋଧ କରାଯାଇଥିଲା। ସେ ତଦନ୍ତ ପ୍ରକ୍ରିୟାରେ ସହଯୋଗ କରୁନାହାନ୍ତି ଏବଂ ତାଙ୍କ ବିରୋଧରେ ଅତି ସାଂଘାତିକ ଅଭିଯୋଗ ରହିଛି ବୋଲି ଦିଲ୍ଲୀ ପୁଲିସର ଓକିଲ କୋର୍ଟଙ୍କୁ ଅବଗତ କରିଥିଲେ। ଏହାପରେ କୋର୍ଟ କହିଥିଲେ- ସେ କିଭଳି ଗୁରୁତର ଅପରାଧ କରିଛନ୍ତି ସେ ଆତଙ୍କବାଦୀ ନୁହନ୍ତି କି ହତ୍ୟାକାରୀ ନୁହନ୍ତି। ଆପଣଙ୍କର ଏକ ପଦ୍ଧତି ରହିବା ଉଚିତ। ଆପଣ ତଦନ୍ତ ଶେଷ କରନ୍ତୁ । ସେ ସବୁକିଛି ହରାଇ



ଦେଇଛନ୍ତି ଏବଂ କେଉଁଠାରେ ଚାକିରି ବି ପାଇବେନି। ମାମଲାକୁ ଭଲଭାବେ ଅନୁଧ୍ୟାନ କରିବାପରେ ସୁପ୍ରିମ୍‌କୋର୍ଟ କହିଛନ୍ତି, ଏହା ଏମିତି ଏକ ମାମଲା ଯେଉଁଠି ଦିଲ୍ଲୀ ହାଇକୋର୍ଟ ମଧ୍ୟ ଆବେଦନକାରୀଙ୍କୁ ଜାମିନ ମଂଜୁର କରିବା ଉଚିତ ଥିଲା।

**CONTACT**
6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର